ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

# ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୬, ସଂଖ୍ୟା-୨୬, ଭୁବନେଶ୍ୱର: ଜୁଲାଇ ୦୭-୧୩, ୨୦୨୫ Vol-16, Issue-26, Bhubaneswar : July 07-13, 2025

RNI NO.ODIODI/2010/33715

## ଗଠିତ ହେବ ପୁରୀ ମହାନଗର ନିଗମ

ଭୁବନେଶ୍ୱର: ପୁରୀ ସହର ଓ ଆଖପାଖ ଅବସ୍ଥିତ ଗ୍ରାମପଞ୍ଚାୟତକୁ ସାମିଲ କରି ପୁରୀ ମହାନଗର ନିଗମ ଗଠିତ ହେବ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବର୍ଷସାରା ସହରକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଥିରେ ପୁରୀ ସଦର ଓ ବ୍ରହ୍ମଗିରି ବ୍ଲକର ପ୍ରାୟ ସାତରୁ ଆଠଗୋଟି ଗ୍ରାମପଞ୍ଚାୟତକୁ ସାମିଲ କରାଯିବ। ଫଳରେ ଏହିସବୁ ପଞ୍ଚାୟତବାସୀ ସହର ପରି ସୁବିଧା ପାଇପାରିବେ। ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଠାରୁ ଏହି ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା ଆରମ୍ଭ କରାଯିବ।

ଲୋକସେବା ଭବନରେ ଏହା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ଧାମ ସାରା ଭାରତର ସବୁ ଧର୍ମସ୍ଥଳୀ ଠାରୁ ଅନନ୍ୟ। ଏଠାରେ ଭକ୍ତ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଏକାକାର ହୋଇଯାଆନ୍ତି। ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସହିତ ପୁରୀବାସୀଙ୍କୁ ଗୁଣାତ୍ମକ ମୌଳିକ ସୁବିଧା ପ୍ରଦାନ କରିବା ମୋର ପ୍ରଥମ ଦାୟିତ୍ୱ। କୌଣସି ନା କୌଣସି କାରଣରୁ ବର୍ତ୍ତମାନର ପୁରୀ ପୌରପାଳିକା ଉଭୟ ଭକ୍ତ ଓ ସହରବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ସମର୍ଥ ହୋଇ ନାହିଁ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସ୍ଥାନୀୟ ସ୍ୱାୟତ୍ତ ଶାସନ ପଦ୍ଧତିରେ ସଂସ୍କାର ଆଣିବାକୁ ପଡ଼ିବ। ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତଦାରଖ, ପୁନର୍ବିନ୍ୟାସ ଓ ରକ୍ଷଣାବେକ୍ଷଣ କରିବା ପାଇଁ ନୂତନ ଢାଞ୍ଚାର ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳ ଭାବେ ଗଢ଼ି ତୋଳିବାକୁ ଆମ ସରକାର ବଦ୍ଧପରିକର। ଏଥିପାଇଁ ଅନେକ ନୂତନ ପ୍ରକଳ୍ପର ନିର୍ମାଣ ଏବଂ ରକ୍ଷଣାବେକ୍ଷଣର ଅବଶ୍ୟକତା ରହିଛି। ୨୦୩୬ ସୁଦ୍ଧା ପୁରୀକୁ ଦେଶର ଏକ ମୁଖ୍ୟ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏକ ସୁନ୍ଦର, ସବୁଜ, ବିକଶିତ ପୁରୀ ସହର ବିନା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଅସମ୍ଭବ। ଆଜିର ଏହି ଘୋଷଣା ସରକାରଙ୍କ ଏହି ଭିଜନ୍‌ର ଏକ ଅଂଶବିଶେଷ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ତେଜସ୍ୱିନୀ

### ବିଶେଷ ଦୃଷ୍ଟି ଆକର୍ଷଣ

- ଗଙ୍ଗୋତ୍ରୀ ଜାତୀୟ ଉଦ୍ୟାନ
- ଆନ୍ତରିକତା
- ରହସ୍ୟମୟ ଜଙ୍ଗଲ
- କାନ ଯନ୍ତ୍ରଣା

## ଶବରୀ ସାଂସ୍କୃତିକ ଭବନ ଉଦ୍‌ଘାଟିତ

# ଆଦିବାସୀ ସମାଜର ଉନ୍ନତି ପାଇଁ ମୋର ସର୍ବଶକ୍ତି ଲଗାଇବି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଭବନ ଏବଂ ଆଦିବାସୀ ଭାଷା ପ୍ରତିଷ୍ଠାନ ପ୍ରତିଷ୍ଠା କରାଯାଉଛି। ରାଜ୍ୟର ୪୦ ପ୍ରତିଶତ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ କଲ୍ୟାଣ ପାଇଁ ରେକର୍ଡ ୬୮ ହଜାର ୮୮୧ କୋଟିର ବିଶେଷ ପ୍ରାବଧାନ କରାଯାଇଛି। ନିୟମିତ କଲ୍ୟାଣକାରୀ ଯୋଜନା ବ୍ୟତୀତ ଏହି ଟଙ୍କା କେବଳ ତାଙ୍କ ପାଇଁ ଖର୍ଚ୍ଚହେବ। ଏହା ହେଉଛି ଆମ ସରକାରଙ୍କ ଜନଜାତିଙ୍କ ପାଇଁ ପ୍ରତିବଦ୍ଧତା।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶବରୀ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଭୁବନେଶ୍ୱରସ୍ଥିତ ଆଇଆର୍‌ସି ଭିଲେଜଠାରେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲା ନିମନ୍ତେ 'ଶବରୀ ସାଂସ୍କୃତିକ ଭବନ' ଉଦ୍‌ଘାଟନ କରି ଏହା ପ୍ରକାଶ କରିଛନ୍ତି। ଶବରୀ ଭବନର ଉନ୍ନତିକରଣ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶବରୀ ଭବନର ସମସ୍ତ ଆବଶ୍ୟକୀୟ ନିର୍ମାଣ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯିବ। କାରଣ, ଶବରୀ ଭବନ କେବଳ ଏକ ଆଶ୍ରୟସ୍ଥଳ ନୁହେଁ - ଏହା ଆଦିବାସୀ ଯୁବ ଓ ନେତୃତ୍ୱର ଉଦୟ ପାଇଁ ଏକ ମଞ୍ଚ ହେବ ଏବଂ ଆଦିବାସୀ ଭାଇଭଉଣୀଙ୍କ ପାଇଁ ସ୍ୱଳ୍ପକାଳୀନ ରହଣି ସହିତ ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିବ।

କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ଗଣଶିକ୍ଷାମନ୍ତ୍ରୀ ତଥା ଶବରୀ ସାଂସ୍କୃତିକ ପରିଷଦର ସଭାପତି ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ ଓଡ଼ିଆ ଅସ୍ମିତା ଏବଂ ସ୍ୱାଭିମାନକୁ ଆଦିବାସୀ ସଂସ୍କୃତି ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। କାର୍ଯ୍ୟକ୍ରମରେ ସାଂସଦ ମୁନା ଖାନ, ସାଂସଦ ବଳଭଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଶବରୀ ସାଂସ୍କୃତିକ ସଂସଦର ଉପଦେଷ୍ଟା ତଥା ବିଧାୟକ ତାରା ପ୍ରସାଦ ବାହିନୀପତି, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭାତ୍ରା ପ୍ରମୁଖ ମଞ୍ଚାସୀନ ଥିଲେ। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶବରୀ ସାଂସ୍କୃତିକ ପରିଷଦର ଉପସଭାପତି ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସିଫୁଡ୍ ଏକ୍ସପୋ ଭାରତ-୨୦୨୫, ଏକ୍ରିକ୍ ଓଡ଼ିଶାକୁ ପ୍ରଥମ ପୁରସ୍କାର

ଭୁବନେଶ୍ୱର : ଜୁଲାଇ ୧ରୁ ୩ ତାରିଖ ପର୍ଯ୍ୟନ୍ତ ଚେନ୍ନାଇ ବ୍ୟବସାୟିକ କେନ୍ଦ୍ର (ଟ୍ରେଡ୍ ସେଣ୍ଟର୍)ରେ ଅନୁଷ୍ଠିତ ହୋଇଥିବା 'ସିଫୁଡ୍ ଏକ୍ସପୋ ଭାରତ-୨୦୨୫ (ଏସ୍‌ଇବି-୨୫)'ରେ ଓଡ଼ିଶାରୁ ଅଂଶ ଗ୍ରହଣ କରିଥିବା ଇସିଆର୍‌ଆଇସିସି(ଏକ୍ରିକ୍) ପ୍ରକଳ୍ପ ସରକାରୀ କ୍ଷେତ୍ର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ଜଳବାୟୁ ସହନଶୀଳତା ବୃଦ୍ଧି ପରିପ୍ରେକ୍ଷୀରେ ଓଡ଼ିଶାରେ କାର୍ଯ୍ୟକାରୀ ଭାରତର କୋଷ୍ଟାଲ୍ କମ୍ୟୁନିଟିଙ୍କର ଇସିଆର୍‌ଆଇସିସି(ଏକ୍ରିକ୍) ପ୍ରକଳ୍ପ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଛି। ଏହି ସ୍ୱୀକୃତି ଏକ୍ରିକ୍, ଓଡ଼ିଶାର ଜଳବାୟୁ ସହନଶୀଳ ଜଳଚାଷ ଏବଂ ସମାବେଶୀ ଗୋଷ୍ଠୀଭିତ୍ତିକ ବିକାଶ କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରୟାସକୁ ପ୍ରତିଫଳିତ କରିଛି। ଏଥିରେ ଓଡ଼ିଶାରେ ଜଳବାୟୁ ସହନଶୀଳ କଙ୍କଡ଼ା ଚାଷ ସମ୍ପର୍କରେ ଆକର୍ଷଣୀୟ ଉପସ୍ଥାପନ କରାଯାଇଥିଲା।

## ବିଏମ୍‌ସି ହିଂସା: ଜଗନ୍ନାଥ ପ୍ରଧାନ ଗିରଫ

ଭୁବନେଶ୍ୱର: ଭୁବନେଶ୍ୱର ମହାନଗର ନିଗମରେ ଓଏଏସ୍ ଅଧିକାରୀଙ୍କୁ ମରଣାତ୍ମକ ଆକ୍ରମଣ ଘଟଣାରେ ବିଜେପି ନେତା ଜଗନ୍ନାଥ ପ୍ରଧାନ ଚାପରେ ଚାପି ହୋଇଛନ୍ତି। ଶେଷରେ ଡିସିପି ଅଫିସ ଯାଇ ସେ ନିଜ ସମର୍ଥକଙ୍କ ଗହଣରେ 'ସରେଣ୍ଡର୍' କରିଛନ୍ତି। ଏହି ଅବସରରେ ଆଇନକୁ ସମ୍ମାନ ଜଣାଇ ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ସେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ପରେ ପୁଲିସ୍ ତାଙ୍କୁ ଗିରଫ କରିଛି।



ଓଡ଼ିଶା ପ୍ରଶାସନିକ ଅଧିକାରୀ ସଂଘ ବା ଓଏଏସ୍ ସଂଘ ସମୂହ ଇସ୍ତଫା ଦେବା ଦାବିରେ ଅଟଳ ରହିବା ପରେ ସରକାର ସମସ୍ୟାରେ ପଡ଼ିଛନ୍ତି। ସଂଘ ଜଗନ୍ନାଥ ପ୍ରଧାନଙ୍କୁ ଗିରଫ କରିବାକୁ ଅଡ଼ି ବସିଥିଲା। ସେଇ କାରଣରୁ ଜଗନ୍ନାଥଙ୍କୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପାର୍ଟି ଅଫିସ ଡକାଇ ପ୍ରାୟ ଦୁଇ ଘଣ୍ଟା ବିସ୍ତୃତ ଆଲୋଚନା କରିଥିଲେ। ପରେ ଜଗନ୍ନାଥ କହିଥିଲେ, ସଭାପତି ମୋତେ ଡାକିଥିଲେ, ଘଟଣା ସମ୍ପର୍କରେ ସବୁ କଥା ସେ ଜଣାଇଛନ୍ତି। ଏହି ଭେଟଘାଟର ପ୍ରାୟ ଚବିଶ ଘଣ୍ଟା ଭିତରେ ଜଗନ୍ନାଥ 'ସରେଣ୍ଡର୍' କରିବାକୁ ବାଧ ହୋଇଛନ୍ତି। ପୁଲିସ ବି ତାଙ୍କୁ ଗିରଫ କରି ହାଜତକୁ ପଠାଇ ଦେଇଛି। ଉଲ୍ଲେଖନୀୟ ଯେ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ଉକ୍ତ ହିଂସା ଘଟଣାରେ ସଂପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଥିଲା। ମାତ୍ର ଏତଲାରେ ମୁଖ୍ୟ ଅଭିଯୁକ୍ତ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ନାଁ ଥିଲେ ହେଁ ପୁଲିସ କିଛି ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ମାତ୍ର ସେ ଦଳରୁ ଇସ୍ତଫା ଦେଇଥିବା ନେଇ ସବୁ ଗଣମାଧ୍ୟମରେ ଚର୍ଚ୍ଚା ଜୋର୍ ଧରିଥିଲା। ଅନ୍ୟପକ୍ଷରେ ହିଂସାକାଣ୍ଡରେ ସଂପୃକ୍ତି ଅଭିଯୋଗରେ ୫ଜଣଙ୍କୁ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ରାଜ୍ୟ ସଭାପତି ମନମୋହନ ସାମଲ ନିଲମ୍ବନ କରିଥିଲେ। ସେମାନେ ଥିଲେ କର୍ପୋରେଟର୍ ଅପରୂପ ନାରାୟଣ ରାଉତ, ରଶ୍ମି ରଞ୍ଜନ ମହାପାତ୍ର, ଦେବାଶିଷ ପ୍ରଧାନ, ସଚିକାନ୍ତ ସ୍ୱାଇଁ ଓ ସଞ୍ଜୀବ ମିଶ୍ର।

## ଯୋଗ୍ୟ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଫେରସ୍ତ କରାଯିବ ଟଙ୍କା

ଭୁବନେଶ୍ୱର: ବିଜେପି ରାଜ୍ୟରେ ଏକାକୀ ସରକାର ଗଠନ କରିବା ପରେ ଚିଟଫଣ୍ଡ ସଂସ୍ଥାରେ କ୍ଷତିଗ୍ରସ୍ତ ସମସ୍ତ ଯୋଗ୍ୟ ଜମାକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଉଛି। ମାତ୍ର ୧ ବର୍ଷ ମଧ୍ୟରେ ୧ ଲକ୍ଷ୍ୟ ୨୬ ହଜାର ୧୩୭ ଜଣ ଯୋଗ୍ୟ ଜମାକାରୀଙ୍କ ଟଙ୍କା ଫେରସ୍ତ କରାଯାଇଛି। ଆସନ୍ତା ୩-୪ ମାସ ମଧ୍ୟରେ ୫ ଲକ୍ଷ ଯୋଗ୍ୟ ଜମାକାରୀକାରୀଙ୍କୁ ପର୍ଯ୍ୟାୟକ୍ରମେ ଟଙ୍କା ଫେରସ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ତେବେ ବିଜେପି ସରକାରଙ୍କ ନିଷ୍ପାପର ଉଦ୍ୟମ ପାଇଁ ଚିଟ୍‌ଫଣ୍ଡରେ କ୍ଷତିଗ୍ରସ୍ତ ଯୋଗ୍ୟ ହିତାଧିକାରୀମାନେ ଟଙ୍କା ଫେରିପାଇବେ ବୋଲି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ମନମୋହନ ସାମଲ କହିଛନ୍ତ। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ବିଜେଡି ସରକାରଙ୍କ ଉପରେ ବିଶ୍ୱାସ ଓ ଭରସା ରଖି ବିଭିନ୍ନ ଚିଟ୍‌ଫଣ୍ଡ ସଂସ୍ଥାରେ ଓଡ଼ିଶାର ଜନସାଧାରଣ ସେମାନଙ୍କ କଷ୍ଟ ଅର୍ଜିତ ଟଙ୍କା ଜମା କରିଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଜନସାଧାରଣଙ୍କ ଭରଷା ସହ ଖେଳିଥିଲା ବିଜେଡି ସରକାର। ୧୭୪ଟି ଚିଟଫଣ୍ଡ କମ୍ପାନୀ ଓଡ଼ିଶାର ଜନସାଧାରଣଙ୍କ ଟଙ୍କା ହରିଲୁଟ୍ କରିଥିଲେ। ସମସ୍ତ କ୍ଷତିଗସ୍ତ ଯୋଗ୍ୟ ଜମାକାରୀ କିପରି ଟଙ୍କା ପାଇବେ ସେନେଇ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ସାମାନ୍ୟ ପ୍ରମାଣ ଦେଖାଇଲେ ଯେପରି ଜମାକାରୀ ଟଙ୍କା ଫେରସ୍ତ ପାଇପାରିବେ ସେଭଳି ବିଧି ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ସାମଲ କହିଛନ୍ତି।

# ୭୫ ବର୍ଷ ପୂର୍ବର ଦୃଷ୍ଟିକୋଣ

କିଛି ଦିନ ପୂର୍ବେ ଆମେ ଜରୁରିକାଳୀନ ପରିସ୍ଥିତିର ୫୦ତମ ବାର୍ଷିକୀ ପାଳନ କରିଥିବାବେଳେ ଭାରତୀୟ ଜନସଂଘର ପ୍ରତିଷ୍ଠା ବାର୍ଷିକୀକୁ ପାସୋରିଗଲୁ। ତେବେ ଜନସଂଘ ଗଠନ ପଛରେ ଅନେକ କାରଣ ରହିଛି। ୫ ମେ ୧୯୫୦ରେ ଏସ୍‌?.ପି. ମୁଖାର୍ଜୀ ପାର୍ଟିର ଏଜେଣ୍ଡା ପ୍ରସ୍ତୁତ କରିଥିଲେ ଓ ସେଥିରେ ୮ସୂତ୍ରୀ କାର୍ଯ୍ୟକ୍ରମ ରହିଥିଲା। ସେଗୁଡ଼ିକ ହେଲା, ୧- ଅଖଣ୍ଡ ଭାରତ, ୨- ପାକିସ୍ତାନ ପ୍ରତି ତୁଷ୍ଟୀକରଣ ବଦଳରେ ପାରସ୍ପରିକ ସମ୍ପର୍କ ରକ୍ଷା, ୩- ଏକ ସ୍ୱାଧୀନ ବିଦେଶୀ ନୀତି, ୪-ଶରଣାର୍ଥୀ ଥଇଥାନ, ୫- ଶିଳ୍ପର ବିକେନ୍ଦ୍ରୀକରଣ ଓ ସାମଗ୍ରୀ ଉତ୍ପାଦନ ବୃଦ୍ଧି, ୬- ଏକକ ଭାରତୀୟ ସଂସ୍କୃତିର ବିକାଶ, ୭- ସମସ୍ତ ନାଗରିକଙ୍କୁ ସମାନ ଅଧିକାର ଓ ପଛୁଆବର୍ଗଙ୍କ ବିକାଶ, ୮- ବିହାର ଓ ପଶ୍ଚିମବଙ୍ଗ ସୀମାର ପୁନଃ ବ୍ୟବସ୍ଥାପନ। ମୁଖାର୍ଜୀଙ୍କ ବ୍ୟତୀତ ଜନସଂଘ ଗଠନ ପଛରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ରହିଥିଲା। ଆର୍‌ଏସ୍‌ଏସ୍ କାହିଁକି ରାଜନୀତିକୁ ପ୍ରବେଶ କଲା, ତାହାର କାହାଣୀ ରୋଚକପୂର୍ଣ୍ଣ। କିଛି ବର୍ଷ ପୂର୍ବେ ବିଜେପି ପକ୍ଷରୁ ଅଧିକାରୀ ସ୍ତରରେ ପ୍ରକାଶ ପାଇଥିବା ଜନସଂଘର ଇତିହାସକୁ ଦେଖିଲେ ଏହା ବୁଝିହେବ। ଡିସେମ୍ବର ୧୯୪୭ରେ ଦିଲ୍ଲୀରେ ଆରଏସ୍‌ଏସ୍ ଦ୍ୱାରା ଆୟୋଜିତ ବିଶାଳ ଜନସମାବେଶ ହିନ୍ଦୁ ରାଜକୁମାର, ବ୍ୟବସାୟୀ ଏବଂ ହିନ୍ଦୁ ସଂଗଠନଗୁଡ଼ିକର ନେତାଙ୍କୁ ଆକର୍ଷିତ କରିଥିଲା। ଆର୍‌ଏସ୍‌ଏସ୍ ଅନୁଯାୟୀ, ଏହାର ଲୋକପ୍ରିୟତା କଂଗ୍ରେସ ବିଶେଷକରି ନେହେରୁଙ୍କ ପ୍ରତି ଥିଲା ସତର୍କ ଘଣ୍ଟି। ତେବେ ୩୦ ଜାନୁଆରୀ ୧୯୪୮ରେ ଗାନ୍ଧିଜୀଙ୍କୁ ହତ୍ୟା କରାଯିବାର ୩ ଦିନ ପରେ ଅର୍ଥାତ୍ ୨ ଫେବୃଆରୀରେ କଂଗ୍ରେସ ଆର୍‌ଏସ୍‌ଏସ୍‌କୁ ନିଷେଧ କରିବାକୁ ନିଷ୍ପତ୍ତି ନେଲା। ଆର୍‌ଏସ୍‌ଏସ୍ ମୁଖ୍ୟ ଗୋଲ୍‌ୱାଲକର ଜାଣିଥିଲେ ଯେ, ଗାନ୍ଧିଜୀଙ୍କ ହତ୍ୟା ସମ୍ପର୍କିତ ସବିଶେଷ ରିପୋର୍ଟ ବାହାରିଲେ ଆର୍‌ଏସ୍‌ଏସ୍ ସମସ୍ୟାରେ ପଡ଼ିଯିବ। ଏଣୁ ସେ ଗାନ୍ଧିଜୀଙ୍କୁ ହତ୍ୟା କରାଯିବା ଦିନ ହିଁ ଆର୍‌ଏସ୍‌ଏସ୍‌ର ସମସ୍ତ କାର୍ଯ୍ୟକ୍ରମ ୧୩ ଦିନ ପର୍ଯ୍ୟନ୍ତ ବନ୍ଦ କରିବାକୁ ସବୁ ଶାଖାକୁ ଟେଲିଗ୍ରାମ ପଠାଇଥିଲେ। ସେହି ସମାନ ଦିନରେ ସେ ନେହେରୁ, ପଟେଲ ଏବଂ ଦେବଦାସ ଗାନ୍ଧୀଙ୍କ ପାଖକୁ ଟେଲିଗ୍ରାମ କରି ସମବେଦନା ଜଣାଇଥିଲେ। ଏହି ନିଷ୍ଠୁର ତଥା ଘାତକ ଆକ୍ରମଣରେ ସେ ଅତ୍ୟନ୍ତ ମର୍ମାହତ ଓ ଏଥିରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କର ଦୁଃଖଦ ଅନ୍ତ ଘଟିଲା ବୋଲି କହିଥିଲେ। ତା’ ପରଦିନ ସେ ପୁନର୍ବାର ନେହେରୁଙ୍କ ନିକଟକୁ ଲେଖି ତାଙ୍କର ଦୁଃଖ ଜଣାଇଥିଲେ। ସେଥିରେ ଗଡ୍‌ସେଙ୍କୁ ଜଣେ ବିଚାରହୀନ ବିକୃତ ମାନସିକତାର ବ୍ୟକ୍ତି ଭାବେ ଦର୍ଶାଇବା ସହ ଗୁଳିକରି ପୂଜ୍ୟ ମହାତ୍ମାଙ୍କ ଜୀବନର ହଠାତ୍ ଦୁଃଖଦ ଅନ୍ତ ଘଟାଇବା ଭଳି ଜଘନ୍ୟ କାର୍ଯ୍ୟ କରିଥିବା ଉଲ୍ଲେଖ କରିଥିଲେ। ସେ ମଧ୍ୟ ଏହି ହତ୍ୟାକାଣ୍ଡକୁ ଅକ୍ଷମଣୀୟ ଓ ଦେଶଦ୍ରୋହ କାର୍ଯ୍ୟ ବୋଲି କହିଥିଲେ। ସେହିଦିନ ମଧ୍ୟ ସେ ପଟେଲଙ୍କ ପାଖକୁ ଲେଖି ଜଣାଇଥିଲେ, ”ଏହା ତାଙ୍କ ହୃଦୟକୁ ଅତ୍ୟଧିକ ବ୍ୟଥିତ କରିଛି। ଏହି ଅପରାଧ ଘଟାଇଥିବା ବ୍ୟକ୍ତିଙ୍କୁ ନିନ୍ଦା କରିବା ପାଇଁ ତାଙ୍କ ପାଖରେ କୌଣସି ଶବ୍ଦ ନାହିଁ।”

ଆର୍‌ଏସ୍‌ଏସ୍‌କୁ ଅବୈଧ ଘୋଷଣା କରି ସରକାରୀ ବିଜ୍ଞପ୍ତିରେ କୁହାଯାଇଥିଲା, “ହିନ୍ଦୁମାନଙ୍କ ଶାରୀରିକ, ବୌଦ୍ଧିକ ତଥା ନୈତିକ କଲ୍ୟାଣକୁ ଗୁରୁତ୍ୱ ଦେଇ ସେମାନଙ୍କ ମଧ୍ୟରେ ଭ୍ରାତୃତ୍ୱ, ପ୍ରେମ ଏବଂ ସେବା ଭାବ ବୃଦ୍ଧି କରିବା ହେଉଛି ଆର୍‌ଏସ୍‌ଏସ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ସରକାର ଦୁଃଖିତ ଯେ, ଆର୍‌ଏସ୍‌ଏସ୍‌ର ସକ୍ରିୟ ସଦସ୍ୟମାନେ ତଥାକଥିତ ସିଦ୍ଧାନ୍ତକୁ ପାଳନ କରିନାହାନ୍ତି। ସଂଘର ସଦସ୍ୟଙ୍କ ଦ୍ୱାରା ଅବାଞ୍ଛିତ ତଥା ବିପଜ୍ଜନକ କାର୍ଯ୍ୟକଳାପ ଜାରି ରହିଛି, ଯେଉଁମାନେ ହିଂସା ବୃଦ୍ଧି କରିବା ଭଳି କାର୍ଯ୍ୟରେ ଜଡ଼ିତ ହେବା ସହ ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ସଂଗ୍ରହ କରିଛନ୍ତି।” ୩ ଫେବୃଆରୀରେ ଗୋଲ୍‌ୱାଲ୍‌କରଙ୍କ ସମେତ ୨୦,୦୦୦ ସ୍ୱୟଂସେବକଙ୍କୁ ଗିରଫ କରାଗଲା। ଏହି ସମୟରେ ଆର୍‌ଏସ୍‌ଏସ୍ କହିଥିଲା, କୌଣସି ରାଜନୈତିକ ଦଳ କିମ୍ବା ରାଜନେତା ଏହାକୁ ବିରୋଧ ନ କରିବା କିମ୍ବା କିଛି ନ କହିବା ଦୁଃଖର ବିଷୟ। ଏହି ପ୍ରତିବନ୍ଧକ ପାଖାପାଖି ଦେଢ଼ବର୍ଷ ପର୍ଯ୍ୟନ୍ତ ରହିଲା। ଆର୍‌ଏସ୍‌ଏସ୍‌କୁ ତାହାର ଏକ ସମ୍ବିଧାନ ଲେଖି ଦାଖଲ କରିବାକୁ କୁହାଯାଇଥିଲା ଏବଂ ତାହା କରାଯିବା ଫଳରେ ୧୧ ଜୁଲାଇ ୧୯୪୯ରେ ଆର୍‌ଏସ୍‌ଏସ୍ ଉପରୁ ନିଷେଧାଦେଶ ଉଠିଥିଲା। ଏହାର ଠିକ୍ ପରେ ପରେ ଆର୍‌ଏସ୍‌ଏସ୍ ଦ୍ୱାରା ପ୍ରକାଶିତ ସାପ୍ତାହିକୀ ଦି ଅର୍ଗାନାଇଜରରେ ରାଜନୀତିରେ ପ୍ରବେଶକୁ ନେଇ ଏହା ବିତର୍କ ଆରମ୍ଭ କରିଦେଲା। ଏଥିରେ କେ. ଆର୍. ମାଲକାନିଙ୍କ ସମେତ ଆର୍‌ଏସ୍‌ଏସ୍ କର୍ମକର୍ତ୍ତାଙ୍କ ପ୍ରବନ୍ଧ ପ୍ରକାଶ ପାଇଲା। ମାଲକାନି ଲେଖିଥିଲେ, ସଂଘ ନିଜକୁ ରକ୍ଷାକରିବା ଏବଂ ଅଣ-ଭାରତୀୟ ଓ ଭାରତୀୟ ବିରୋଧୀ ରାଜନୀତି ବନ୍ଦ କରିବା ସହ ଦେଶର ବ୍ୟବସ୍ଥା ମାଧ୍ୟମରେ ଭାରତୀୟତାକୁ ଆଗକୁ ବଢ଼ାଇବା ଲାଗି ଏହା ରାଜନୀତିରେ ଭାଗ ନେବା ଦରକାର। ଦେଶର ସମସ୍ତ ନାଗରିକଙ୍କ ଜାତୀୟ ସାଂସ୍କୃତିକ ଶିକ୍ଷା ପାଇଁ ସଂଘ ଏକ ଆଶ୍ରମ ଭାବେ କାମ ଜାରି ରଖିବା ଆବଶ୍ୟକ। କିନ୍ତୁ ସିଦ୍ଧାନ୍ତଗୁଡ଼ିକର ତ୍ୱରିତ ସଫଳତା ଏବଂ ଅଧିକ ପ୍ରଭାବୀ ଢଙ୍ଗରେ କାର୍ଯ୍ୟ କରିବା ପାଇଁ ସଂଘକୁ ଏକ ରାଜନୈତିକ ଦଳ ଗଢ଼ିବାକୁ ପଡ଼ିବ। ସେ ମଧ୍ୟ କହିଥିଲେ ଯେ, ନୂଆ ଦଳ ପ୍ରାଚୀନ ଧର୍ମୀୟ ଓ ପରମ୍ପରା ମୂଲ୍ୟବୋଧ ଉପରେ କାମ କରିବ ଓ ଏହାର ଲକ୍ଷ୍ୟରେ ଏହା ଭବିଷ୍ୟନ୍ମୁଖୀ ହେବ। ଏହା ବିଦେଶୀ ମୂଲ୍ୟବୋଧ, ପ୍ରବୃତ୍ତି ଓ ଧାରା ଉପରେ ନିର୍ଭର କରିବ ନାହିଁ। ହିନ୍ଦୁସ୍ତାନରେ ଏହି ପୁନଃ ସଂଗଠନର ସିଦ୍ଧାନ୍ତ ହିଁ କେବଳ ହିନ୍ଦୁତ୍ୱ ହେବ। ବଲରାଜ ମାଧୋକ ଲେଖିଥିଲେ, ଦେଶର ରାଜନୈତିକ ଓ ଆର୍ଥିକ ସମସ୍ୟା ପରିପ୍ରେକ୍ଷୀରେ ସଂଘ ଦେଶକୁ ନେତୃତ୍ୱ ଦେବା ଉଚିତ। କାରଣ ସଂଘର ଅସ୍ତିତ୍ୱ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ।

୧୯ ଏପ୍ରିଲ ୧୯୫୦ରେ ପାର୍ଲାମେଣ୍ଟରେ ମୁଖାର୍ଜୀ କହିଥିଲେ ଯେ, ବଙ୍ଗ ବିଭାଜନ ସପକ୍ଷରେ ଜନମତ ସୃଷ୍ଟି କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସେ ପୂର୍ବ ବଙ୍ଗ (ପରେ ବାଂଲାଦେଶ ହୋଇଛି)ର ହିନ୍ଦୁମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ, ସେମାନେ ଯଦି ଭବିଷ୍ୟତରେ ପାକିସ୍ତାନ ସରକାର ଦ୍ୱାରା ନିର୍ଯାତିତ ହୁଅନ୍ତି ସ୍ୱାଧୀନ ଭାରତ କେବେ ନୀରବଦ୍ରଷ୍ଟା ହୋଇ ରହିବ ନାହିଁ। ଏବେ ୨୦୨୫ରେ ଭାରତରେ ଆମ ଚାରିପାଖରେ କ’ଣ ସବୁ ଘଟୁଛି, ତାହା ଆମେ ପଢୁଛୁ ଓ ଆକଳନ କରୁଛୁ। ଏସବୁ ସୂଚିତ କରୁଛି ଯେ ୭୫ ବର୍ଷ ପୂର୍ବର ଦୃଷ୍ଟିକୋଣ ଏସବୁ କରିବାକୁ ପ୍ରେରିତ କରୁଛି। ଏହାସହ ଆମେ ମଧ୍ୟ ଜାଣିପାରୁଛୁ ଯେ, ଏହିସବୁ ବିଷୟ ପାଇଁ ବିଜେପି ଗଠନ କରାଯାଇଛି।

# ବିକାଶ ପାଇଁ ଶହେବର୍ଷର ଆହ୍ୱାନ

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶକୁ ଶହେ ବର୍ଷ ପୂର୍ତ୍ତି ହେବାକୁ ଆଉ ଏଗାର ବର୍ଷ ବାକି ଅଛି। ଗୋଟିଏ ପ୍ରଦେଶକୁ ଶହେ ବର୍ଷ ପୂରଣ ହେବା ନିଶ୍ଚିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ। ଏହି ଅବସରରେ ରାଜ୍ୟ ସରକାର, ରାଜନୈତିକ ଦଳ ଓ ବିଭିନ୍ନ ସଙ୍ଗଠନମାନଙ୍କ ତରଫରୁ ଓଡ଼ିଶା ଶହେବର୍ଷକୁ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। କିନ୍ତୁ ପ୍ରଶ୍ନ ଉଠୁଛି, ଓଡ଼ିଶା ଶହେବର୍ଷକୁ କେବଳ କ’ଣ ଗୋଟେ ଉତ୍ସବ ଭାବେ ପାଳନ କରାଯିବ ନା ବାସ୍ତବ ଅର୍ଥରେ ଏକ ସଂପନ୍ନ ତଥା ବିକଶିତ ଓ ଅସଲ ଉପଲବ୍ଧିକୁ ପାଳନ କରାଯିବ! ୧୯୩୬ ମସିହା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନଠାରୁ ହିସାବ କଲେ ଆଜି ଅଣାନବେ ବର୍ଷରେ ପହଞ୍ଚିବା ଓ ପ୍ରତିଦିନର ଖବରକାଗଜ ଖୋଲିଲେ ଆମ ଓଡ଼ିଶା ଅବସ୍ଥା ଯାହା ଦିଶୁଛି, ଖବରକୁ ଆସିପାରୁ ନ ଥିବା ଆହୁରି ଅନେକ ଘଟଣାକୁ ମିଶାଇଲେ ତା’ର ଦୁଃଖଦ ପରିସ୍ଥିତି ସ୍ପଷ୍ଟ ବିଦ୍ୟମାନ। ଦେଶ ଓ ରାଜ୍ୟ ଅର୍ଥନୈତିକ ପ୍ରଗତିର ଢେଙ୍ଗୁରା ପିଟୁଥିବା ବେଳେ ଓ ଗାଁ ଲୋକମାନେ ଚୁଆପାଣି ପିଇବା, ବିନା ବିଜୁଳିରେ କାଳ କାଟିବା, ଗର୍ଭବତୀ ମହିଳା ଭାରରେ ବୁହା ହୋଇ ଡାକ୍ତରଖାନା ଯିବା, ଚିକିତ୍ସା ଅଭାବରୁ ରୋଗୀ ମୃତ୍ୟୁବରଣ କରିବା, ରୋଜଗାର ପାଇଁ ଲକ୍ଷ ଲକ୍ଷ ଯୁବକ ଦାଦନ ଯିବା, ଋଣ ଭାରରେ ଚାଷୀ ଆତ୍ମହତ୍ୟା କରିବା, ସରକାରୀ ବିଦ୍ୟାଳୟରେ ଛାତ୍ରଙ୍କ ସଂଖ୍ୟା କମିବା, ପ୍ରାକୃତିକ ସମ୍ପଦର ଆଖିବୁଜା ଶୋଷଣ ହେବା ଓ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ଏବେ ବି ଏକ ବଡ଼ ଆହ୍ୱାନ ହୋଇ ଠିଆ ହୋଇଛି। ଏଇ ସବୁ ଘା’କୁ ଦେହରେ ବୁହାଇ ଓଡ଼ିଶା କ’ଣ ନିଜର ଶହେତମ ଜନ୍ମଦିବସ ପାଳନ କରିପାରିବ? ଶହେତମ ସ୍ୱନକ୍ଷତ୍ର ପାଳନ କରିବା ବେଳକୁ ଆମେ କ’ଣ ଓଡ଼ିଶାର ଏ ରୂପକୁ ବଦଳେଇପାରିବା ନାହିଁ? ଆସନ୍ତା ଏଗାର ବର୍ଷରେ ଏହା ହିଁ ଆମ ସମସ୍ତଙ୍କ ପାଇଁ ଆହ୍ୱାନ ହୋଇପାରିବ କି?

ସଂପ୍ରତି ରାଜ୍ୟ ସରକାର ଶହେ ବର୍ଷର ଓଡ଼ିଶା ୨୦୩୬ ପାଇଁ ଏକ ଭିଜନ ଦସ୍ତାବିଜ ପ୍ରସ୍ତୁତ କରି ପ୍ରକାଶିତ କରିଛନ୍ତି। ଏହି ଭିଜନ ଦସ୍ତାବିଜ ସେତେବେଳେ ପ୍ରକାଶ ହୋଇଛି, ଯେତେବେଳେ ସାରା ଓଡ଼ିଶା ଯାଜପୁରଠୁ ସୁନ୍ଦରଗଡ଼ ଯାଏ ହଇଜା ଆତଙ୍କରେ ଆତଙ୍କିତ। ଗୋପାଳପୁରରେ ଜଣେ କଲେଜ ଛାତ୍ରୀ ତାଙ୍କ ପୁରୁଷବନ୍ଧୁଙ୍କ ସାମ୍ନାରେ ଗଣବଳାତ୍କାରର ଶିକାର ହୋଇଛନ୍ତି। ଗଞ୍ଜାମ ଜିଲାରେ ଦୁଇଜଣ ଦଳିତଙ୍କୁ ସ୍ୱଘୋଷିତ ଗୋରକ୍ଷକଙ୍କ ଦ୍ୱାରା ଲଣ୍ଡା କରି, ମାଡ଼ ମାରି, ବେକରେ ଚପଲମାଳ ପକେଇ ଅମାନବୀୟ ନିର୍ଯାତନା ଦିଆଯାଇଛି। କଳାହାଣ୍ଡି ଜିଲାର ଜଣେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଲାଞ୍ଚ ନେବାବେଳେ ଧରା ପଡ଼ିବା। ଯଦି କେବଳ ଏହି ତିନୋଟି ଘଟଣାକୁ ବିଚାରକୁ ନିଆଯାଏ, ତେବେ ୧୯୩୬ ମସିହାର ଓଡ଼ିଶା ଅପେକ୍ଷା ଆଜିର ଓଡ଼ିଶା ଆହୁରି ଖରାପ ପରିସ୍ଥିତିରେ ଅଛି ବୋଲି ମାନିବାକୁ ପଡ଼ିବ। ୨୦୨୫ ମସିହାରେ ଯେତେବେଳେ ଜ୍ଞାନକୌଶଳ ଓ ସଞ୍ଚାରକ୍ରାନ୍ତିର ବିକାଶ ଚରମ ସୀମାରେ ପହଞ୍ଚୁଛି, ସେତେବେଳେ ଓଡ଼ିଶା ଦୂଷିତ ପାନୀୟ ଜଳଜନିତ ରୋଗରେ ପଡ଼ି କେବଳ ଦୁର୍ଭାଗ୍ୟଜନକ ନୁହେଁ, ଆମ ବିକାଶର ବାହୁସ୍ଫୋଟ ଗାଲରେ ଏକ ଶକ୍ତ ଚାପୁଡ଼ା। ଗୋପାଳପୁର ପରି ପର୍ଯ୍ୟଟନସ୍ଥଳୀରେ ବି ମହିଳା ବଳାତ୍କାରର ଶିକାର ହେବା, ଦଳିତଙ୍କ ଉପରେ ଅମାନବୀୟ ଅତ୍ୟାଚାର ହେବା, ଉଚ୍ଚ ବେତନଭୋଗୀ ସରକାରୀ ଅଧିକାରୀ ଦୁର୍ନୀତିଗ୍ରସ୍ତ ହେବା, ଅବକ୍ଷୟମୁଖୀ ସାମ୍ପ୍ରତିକ ଓଡ଼ିଶାର ପରିଚୟ। ଏସବୁ ସମସ୍ୟାର ଉପଯୁକ୍ତ ସମାଧାନ କରିବା ହେଉଛି ଶହେବର୍ଷର ଓଡ଼ିଶା ସବୁଠାରୁ ବଡ଼ ଆହ୍ୱାନ।

ଆଜିକାଲି ସରକାରଙ୍କ ସବୁଠାରୁ ବଡ଼ କୌଶଳ ହେଉଛି ବର୍ତ୍ତମାନର ସଙ୍କଟଜନକ ପରିସ୍ଥିତିକୁ ଅସ୍ୱୀକାର କରିବା, ଗଣମାଧ୍ୟମକୁ ହାତ କରି ନିଜର ମହିମା ଗାନ କରିବା ଓ ଉତ୍ତରଦାୟିତ୍ୱକୁ ଏଡ଼ିଯାଇ ବିରୋଧୀ ଦଳକୁ କଟାକ୍ଷ କରିବା। ବର୍ତ୍ତମାନର ବାସ୍ତବିକ ପରିସ୍ଥିତିକୁ ଅସ୍ୱୀକାର କରି ଭବିଷ୍ୟତର ସ୍ୱପ୍ନ ଦେଖାଇବା କେବଳ ସ୍ୱପ୍ନର ମହଲ ଗଢ଼ିବା ସହିତ ସମାନ। କାରଣ ବର୍ତ୍ତମାନକୁ ସ୍ୱୀକାର କଲେ ହିଁ ସମସ୍ୟାର ସମାଧାନ କରି ଏକ ସୁନ୍ଦର ଭବିଷ୍ୟତ ଗଢ଼ିହେବ। ସଂପ୍ରତି ସରକାର ୨୦୩୬ ପାଇଁ ପ୍ରକାଶ କରିଥିବା ଦସ୍ତାବିଜ୍ ବର୍ତ୍ତମାନ ଓଡ଼ିଶାର ଦୁଃସ୍ଥ ପରିସ୍ଥିତିକୁ ସ୍ୱୀକାର କରୁଛି ବୋଲି ଜଣାପଡ଼ିବ। ‘ବର୍ଷ ଏକ ଉପଲବ୍ଧି ଅନେକ’ ସ୍ଲୋଗାନ୍ ଏହାର ଏକ ଜ୍ୱଳନ୍ତ ଉଦାହରଣ।

ସ୍ୱତନ୍ତ୍ର ଓଡ଼ିଶା ଶହେବର୍ଷ ପୂର୍ତ୍ତି ପାଳନ କରିବାକୁ ଯିବା ବେଳେ, ଓଡ଼ିଶାକୁ ବେଆଇନ ବାଂଲାଦେଶୀଙ୍କ କବଳରୁ ମୁକ୍ତ କରିବା ସହିତ ଦାଦନମୁକ୍ତ କରିପାରିବା କି? ଦଳିତ, ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବନ୍ଦ କରିପାରିବା କି? ପ୍ରାକୃତିକ ସମ୍ପଦର ଅସଲ ଜଗୁଆଳି ଓ ଆଦିବାସୀଙ୍କ ଜଙ୍ଗଲ, ପାହାଡ଼, ଝରଣା ଉପରେ କମ୍ପାନୀ ଶୋଷଣକୁ ବନ୍ଦ କରି ସେମାନଙ୍କୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଯାପନ କରିବା ପାଇଁ ଉପଯୁକ୍ତ ସୁଯୋଗ ଦେବା ନିମନ୍ତେ ସରକାର ପଦକ୍ଷେପ ନିଅନ୍ତୁ। ତଥାକଥିତ ଅର୍ଥନୈତିକ ବିକାଶ ଓ ହାତଗଣତି ପୁଞ୍ଜିପତିଙ୍କ ବିକାଶ ପାଇଁ ଆଖିବୁଜା ପ୍ରାକୃତିକ ସମ୍ପଦର ଲୁଣ୍ଠନ ବନ୍ଦ କରି ଏକ ଚିରନ୍ତନ ବିକାଶଖସଡ଼ା, ଯେଉଁଥିରେ ବ୍ୟକ୍ତି, ସମାଜ ଓ ପ୍ରକୃତି ସହିତ ସନ୍ତୁଳନ ବଜାୟ ରହୁଥିବ, ତାହା ଉତ୍କଳ ଜନନୀ ତା’ର ସନ୍ତାନମାନଙ୍କ ପାଖରୁ ଆଶା କରେ। ଏହିପରି ବିକଳ୍ପ ବିକାଶର ନକ୍ସା ଓଡ଼ିଶା ମାଟିରୁ ଆରମ୍ଭ ହୋଇ ସାରା ଦେଶକୁ ଆଲୋକ ଦେଖାଉ। ସ୍ଥାନୀୟ ଅଞ୍ଚଳର ସମ୍ବଳ ଓ ଉତ୍ପାଦନ ପ୍ରଥମେ ସ୍ଥାନୀୟ ଲୋକଙ୍କ ଉନ୍ନତି ପାଇଁ ବ୍ୟବହାର ହେଉ। ତା’ହେଲେ ଯାଇ ବେକାରି ସମସ୍ୟାକୁ ସମାଧାନ କରାଯାଇପାରିବ। ଗୋରକ୍ଷା ସହିତ ନାରୀ ସୁରକ୍ଷା ମଧ୍ୟ ଆମର ବ୍ରତ ହେଉ। ମହିଳାଙ୍କ ସାମାଜିକ ସୁରକ୍ଷା ବିନା ଅର୍ଥନୈତିକ ବିକାଶ ପଙ୍ଗୁ ଓ ଅଥର୍ବ। ସାଧାରଣ ଲୋକଟିଏକୁ କୌଣସି ବି ସରକାରୀ କାର୍ଯ୍ୟରେ ଲାଞ୍ଚ ଦେବାକୁ ପଡ଼ିବ ନାହିଁ କି ସରକାରୀ ବିକାଶମୂଳକ ପ୍ରକଳ୍ପରେ ପି.ସି. ପ୍ରଚଳନ ହେବ ନାହିଁ। ସରକାର ଏହାକୁ ନିଶ୍ଚିତ କରିପାରିବେ କି? ଶାସନରେ ସାଧାରଣ ଲୋକଙ୍କ ବାସ୍ତବିକ୍ ଭାଗୀଦାରି ହେଲେ ହିଁ ପ୍ରତ୍ୟେକ ବିକାଶ କାର୍ଯ୍ୟ ଲୋକାଭିମୁଖୀ ହୋଇପାରିବ। ଗ୍ରାମସଭା ଓ ପଲ୍ଲିସଭାକୁ ରାଜନୈତିକ ଦଳଙ୍କ ପ୍ରଭାବରୁ ମୁକ୍ତ କରିବା ପାଇଁ ପଦକ୍ଷେପ ନିଆଗଲେ ଗ୍ରାମସ୍ୱରାଜର ଅସଲ ଅବଧାରଣା ପ୍ରତିଷ୍ଠା ହୋଇପାରିବ। ଭୁବନେଶ୍ୱରରେ ବଡ଼ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ହେବା ସହିତ ଗ୍ରାମାଞ୍ଚଳରେ ଯେଉଁଠି ଜନସଂଖ୍ୟାର ବୃହତ୍ ଭାଗ ସ୍ୱାସ୍ଥ୍ୟ ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି, ତାଙ୍କ ପାଖରେ ତଥା ବ୍ଲକସ୍ତରରେ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଉପଲବ୍ଧି କରାନଗଲେ ଓଡ଼ିଶା ସ୍ୱାସ୍ଥ୍ୟ ସୁରକ୍ଷା ହେବ କିପରି? ଭାଷାଭିତ୍ତିରେ ଗଠନ ହୋଇଥିବା ଓଡ଼ିଶା ଶାସନ, ନିଯୁକ୍ତି, ଶିକ୍ଷା, ପରୀକ୍ଷା ଆଦି ଓଡ଼ିଆ ଭାଷାରେ ହେବା ଉଚିତ ନୁହେଁ କି! ଓଡ଼ିଶା ଅସ୍ମିତାର ଏହାଠାରୁ ବଡ଼ ପ୍ରତୀକ ଆଉ କ’ଣ ଅଛି?

ସ୍ୱତନ୍ତ୍ର ଓଡ଼ିଶା ଶହେବର୍ଷ ହେବା ବେଳକୁ ଯଦି ଏସବୁ ହୋଇନଥିବ, ତେବେ ସେ ଉତ୍ସବ କେବଳ ଉତ୍ସବରେ ହିଁ ସୀମିତ ରହିବ। ଉପରୋକ୍ତ ଲକ୍ଷ୍ୟ ସରକାରଙ୍କ ଦ୍ୱାରା ହାସଲ ହେବାର ସମ୍ଭାବନା କମ୍ ଦେଖାଯାଏ। କାରଣ ସରକାରଙ୍କ ବିକାଶ ଦର୍ଶନ, ଠିକ୍ ଏହାର ବିପରୀତ, ପୁଞ୍ଜିପତି ଓ ଧନିକ ବର୍ଗଙ୍କ ତୋଷଣ ନିମନ୍ତେ ଉଦ୍ଦିଷ୍ଟ। ସରକାରଙ୍କ ପ୍ରାଥମିକତାରେ ସାଧାରଣ ଓ ସ୍ୱାର୍ଥ ଏକ ବଡ଼ ବୃତ୍ତରେ ଛୋଟ ବିନ୍ଦୁ ସଦୃଶ। ତେଣୁ ଶହେବର୍ଷର ଓଡ଼ିଶାକୁ ବାସ୍ତବିକ ରୂପ ଦେବାର ପ୍ରକୃତ ସୈନିକ ଓ ହିତାଧିକାରୀ ହେଉଛନ୍ତି ସାଧାରଣ ଓଡ଼ିଶାବାସୀ। ସେମାନଙ୍କ ବିନା ଏହା ସମ୍ଭବ ନୁହେଁ। ତେଣୁ ସାଢ଼େ ଚାରିକୋଟି ଓଡ଼ିଶାବାସୀ ଏଥିପାଇଁ ଜାଗ୍ରତ ହେବାକୁ ହେବ। ଓଡ଼ିଆ ଉଠିଲେ ଓଡ଼ିଶା ଉଠିବ।

# ହଟିବନି ପୁରୁଣା କାର ଏବଂ ବାଇକ୍’

ନୂଆଦିଲ୍ଲୀ: ଶେଷରେ ଜନ ଆକ୍ରୋଶ ଆଗରେ ଦିଲ୍ଲୀ ସରକାର ମୁଣ୍ଡ ନୁଆଇଁବାକୁ ବାଧ୍ୟ ହୋଇଛନ୍ତି । ରିପୋର୍ଟ ଅନୁସାରେ ଦିଲ୍ଲୀ ସରକାର ଏବେ ପୁରୁଣା ଗାଡ଼ିଗୁଡ଼ିକୁ ରାସ୍ତାରୁ ହଟାଇବା ନେଇ ଯେଉଁ ନୂଆ ନିୟମ ଲାଗୁ କରିଥିଲେ, ତାହାକୁ ଏବେ ସାମୟିକ ଭାବେ ସ୍ଥଗିତ ରଖିଛନ୍ତି । ଏଥିସହ ସରକାର ସ୍ପଷ୍ଟ କରିଛନ୍ତି ଯେ, ବର୍ତ୍ତମାନ ସମୟରେ ପୁରୁଣା ଗାଡ଼ିମଟର ତଥା ବାଇକ୍‌ଗୁଡ଼ିକ ହଟିବ ନାହିଁ । ଏହାର ଅର୍ଥାତ୍ ୧୫ବର୍ଷରୁ ପୁରୁଣା ପେଟ୍ରୋଲ ଚାଳିତ ଗାଡିମଟର ତଥା ବାଇକ୍ ପୂର୍ବବତ୍ ରାସ୍ତାରେ ଚଳାଚଳ କରିପାରିବେ । ସେହିପରି ୧୦ ବର୍ଷରୁ ଅଧିକ ପୁରୁଣା ଡିଜେଲ୍ କାର୍, ବାଇକ୍ ତଥା ଅନ୍ୟ ଗାଡ଼ିଗୁଡ଼ିକ ମଧ୍ୟ ଚଳାଚଳ ଜାରି ରଖିପାରିବେ । ଦିଲ୍ଲୀ ଏନ୍‌ସିଆର ଦେଶର ପ୍ରଥମ ଏପରି ଅଞ୍ଚଳ ଥିଲା ଯେଉଁଠାରେ ଯେଉଁଠାରେ ଇଓଏଲ୍ ଅର୍ଥାତ୍ ଏଣ୍ଡ୍ ଅଫ୍ ଲାଇଫ୍ ବା ‘ଜୀବନ ଶେଷ’ ଇନ୍ଧନ ନିଷେଧ ନିୟମ ଲାଗୁ କରାଯାଇଥିଲା । ଗୁରୁଗ୍ରାମ ଏବଂ ଅନ୍ୟାନ୍ୟ ସହର ମଧ୍ୟ ନଭେମ୍ବର ସୁଦ୍ଧା ଏହାକୁ ଅନୁସରଣ କରିବେ ବୋଲି ଆଶା କରାଯାଉଥିଲା । ତେବେ ଦିଲ୍ଲୀ ସରକାରଙ୍କ ଏପ୍ରକାର ନିୟମକୁ ଦିଲ୍ଲୀବାସୀ କଡା ପ୍ରତିବାଦ କରିଥିଲେ । ରାଜ୍ୟ ସରକାରଙ୍କ ବିରୋଧରେ ଦିଲ୍ଲୀରେ ଏକ ଜନଆନ୍ଦୋଳନ ସୃଷ୍ଟି ହୋଇଥିବା ବୋଲି କହିଲେ ଅତ୍ୟୁକ୍ତି ହେବନି । ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବେ ଦିଲ୍ଲୀ ସରକାର ଏହି ନିୟମକୁ ସ୍ଥଗିତ ରଖିବାକୁ ବାଧ୍ୟ ହୋଇଛନ୍ତି । ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିରସା ଗଣମାଧ୍ୟମକୁ ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ‘ଯାନ୍ତ୍ରିକ ଚ୍ୟାଲେଞ୍ଜ ଏବଂ ଜଟିଳ ବ୍ୟବସ୍ଥା’ ଯୋଗୁଁ ଏପରି ଇନ୍ଧନ ନିଷେଧ ଲାଗୁ କରିବା କଷ୍ଟକର । ମନଜିନ୍ଦରଙ୍କ କହିବାନୁସାରେ ଖରାପଯାନଗୁଡ଼ିକୁ ଜବତ କରିବା ପାଇଁ ଏକ ବ୍ୟବସ୍ଥା ଉପରେ କାମ କରାଯାଉଛି । କିନ୍ତୁ ଯେଉଁମାନେ ସେମାନଙ୍କ କାର ଏବଂ ମୋଟରସାଇକେଲର ଯତ୍ନ ନିଅନ୍ତି ସେମାନଙ୍କୁ ଅଯଥାରେ ଦଣ୍ଡିତ କରାଯିବାର କୌଣସି ପ୍ରୟୋଜନ ନାହିଁ ।

# ଘାନାର ଜାତୀୟ ସମ୍ମାନ ଗ୍ରହଣ କଲେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ପଞ୍ଚରାଷ୍ଟ୍ରୀୟ ଗସ୍ତ ଆରମ୍ଭ କରିଥିବାବେଳେ ପ୍ରଥମ ଗସ୍ତ ଭାବେ ଘାନାରେ ପହଞ୍ଚିଛନ୍ତି । ସେଠାରେ ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ପାଇବା ପରେ ମୋଦୀ ଘାନା ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ମୋଦୀଙ୍କୁ ଘାନା ସରକାର ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନରେ ସମ୍ମାନିତ କରିଛନ୍ତି । ଘାନା ରାଷ୍ଟ୍ରପତି ଜନ ଡ୍ରାମାନି ମାହାମା, ମୋଦୀଙ୍କୁ ଦ ଅଫିସର ଅଫ୍ ଦ ଅର୍ଡର ଅଫ୍ ଦ ଷ୍ଟାର ଅଫ୍ ଘାନା’ ସମ୍ମାନରେ ସମ୍ମାନିତ କରିଛନ୍ତି ।

ମୋଦୀ ଘାନା ସଂସଦକୁ ସମ୍ବୋଧିତ କରି କହିଛନ୍ତି ଯେ, ଘାନା ପକ୍ଷରୁ ତାଙ୍କୁ ମିଳିଥିବା ସମ୍ମାନ କେବଳ ତାଙ୍କ ପାଇଁ ନୁହେଁ ବରଂ ୧୪୦ କୋଟି ଭାରତୀୟଙ୍କ ପାଇଁ ବଡ଼ ସମ୍ମାନ । ଗଣତନ୍ତ୍ର, ମର୍ଯ୍ୟାଦା ଏବଂ ସ୍ଥିରତାର ଭୂମି ଘାନାକୁ ଆସିବା ତାଙ୍କ ପାଇଁ ସୌଭାଗ୍ୟର ବିଷୟ । ଘାନାବାସୀଙ୍କୁ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାରତର ୧୪୦ କୋଟି ନାଗରିକଙ୍କ ପ୍ରତିନିଧି ଭାବେ ଅଭିବାଦନ ଜଣାଇଛନ୍ତି ଶ୍ରୀ ମୋଦୀ । ଦୁଇ



ନେତା ପ୍ରତିବନ୍ଧିତ ତଥା ପ୍ରତିନିଧିମଣ୍ଡଳ ସ୍ତରୀୟ ବ୍ୟାପକ ଆଲୋଚନା କରିଥିଲେ । ସେମାନେ ସମ୍ପର୍କକୁ ଏକ ବ୍ୟାପକ ସହଭାଗୀତା ସ୍ତରକୁ ବୃଦ୍ଧି କରିବା ପାଇଁ ସହମତ ହୋଇଥିଲେ । ଉଭୟ ନେତା ଭାରତ ଏବଂ ଘାନା ମଧ୍ୟରେ ନିବିଡ଼ ଏବଂ ସମୟୋଚିତ ସମ୍ପର୍କକୁ ପୁନଃସ୍ଥାପିତ କରିବା ଉପରେ ଚର୍ଚ୍ଚା କରିଥିଲେ । ପ୍ରଧାନମନ୍ତ୍ରୀ ଘାନାରେ ୧୫,୦୦୦ ସଶକ୍ତ ଭାରତୀୟ ସମ୍ପ୍ରଦାୟଙ୍କ ଯତ୍ନ ପାଇଁ ରାଷ୍ଟ୍ରପତି ମହାମାଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ ।

ଉଭୟ ନେତା ମିଳିତ ଜାତିସଂଘର ସଂସ୍କାର ସମେତ ପାରସ୍ପରିକ ହିତସାଧନର ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସହଯୋଗ ଏବଂ ଏକତା ପାଇଁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ମହାମାଙ୍କୁ ଧନ୍ୟବାଦ ଜଣାଇଥିଲେ । ଆତଙ୍କବାଦ ବିରୁଦ୍ଧରେ ବିଶ୍ୱସ୍ତରୀୟ ଲଢ଼େଇକୁ ମଜବୁତ କରିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ । ପ୍ରଧାନମନ୍ତ୍ରୀ ଘାନାର ବୃଦ୍ଧି ପାଉଥିବା ଅନ୍ତର୍ଜାତୀୟ ପୃଷ୍ଠଭୂମି ପାଇଁ ଅଭିନନ୍ଦନ ଜଣାଇଥିଲେ, ଯେଉଁଥିରେ ଜାତିସଂଘ ମାନବାଧିକାର ପରିଷଦରେ ଏହାର କାର୍ଯ୍ୟକାଳ ଏବଂ ଘାନାର ବୈଦେଶିକ ମନ୍ତ୍ରୀଙ୍କ ରାଜ୍ୟଗୋଷ୍ଠୀ ସଚିବ-ସାଧାରଣ ଭାବରେ ନିର୍ବାଚିତ ହେବା ଅନ୍ତର୍ଭୁକ୍ତ । ଉଭୟ ନେତା ଗଣତାନ୍ତ୍ରିକ ମୂଲ୍ୟବୋଧ, ଦକ୍ଷିଣ-ଦକ୍ଷିଣ ସହଯୋଗ ଏବଂ ସ୍ଥାୟୀ ବିକାଶ ଓ ବିଶ୍ୱ ଶାନ୍ତି ପାଇଁ ଏକ ସମନ୍ୱିତ ଦୃଷ୍ଟିକୋଣ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ ।

# ଶେଷ ହେବ ରୁଷ୍-ୟୁକ୍ରେନ ଯୁଦ୍ଧ

ମସ୍କୋ: ରୁଷ୍-ୟୁକ୍ରେନ୍ ଯୁଦ୍ଧ ଶେଷ ହେବ । ଏଭଳି ଏକ ସଂକେତ ଦେଇଛି ଖୋଦ୍ ରୁଷ୍ । ରିପୋର୍ଟ ଅନୁସାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍‌ଙ୍କ କାର୍ଯ୍ୟାଳୟ ତଥା ରାଷ୍ଟ୍ରପତି ଭବନ କ୍ରେମଲିନ୍ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ଦୀର୍ଘଦିନର ଲଢ଼େଇ ପରେ ରୁଷ୍ ଏବଂ ୟୁକ୍ରେନ ଏବେ ଶାନ୍ତି ଆଡ଼କୁ ଅଗ୍ରସର ହେଉଛନ୍ତି । ଉଭୟ ଦେଶଙ୍କ ମଧ୍ୟରେ ଦୁଇ ପର୍ଯ୍ୟାୟ ଆଲୋଚନା ପ୍ରାୟତଃ ସଫଳ ହୋଇଛି ଏବଂ ଏବେ କ୍ରେମଲିନ ଆଶା କରୁଛି ଯେ, ରୁଷ୍-ୟୁକ୍ରେନ ତୃତୀୟ ପର୍ଯ୍ୟାୟ ଆଲୋଚନାର ତାରିଖ ଶୀଘ୍ର ସ୍ଥିର ହୋଇପାରିବ । କ୍ରେମଲିନ ମୁଖପାତ୍ର ଦିମିତ୍ରୀ ପେସ୍‌କୋଭ ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଆମେ ଆଶା କରୁଛୁ ଯେ, ଏଥିରେ ଶୀଘ୍ର ଏକ ସହମତି ହେବ । କ୍ରେମଲିନ ମୁଖପାତ୍ରଙ୍କ ଅନୁଯାୟୀ, ପରବର୍ତ୍ତୀ ଆଲୋଚନା ପ୍ରକ୍ରିୟାର ଗତି ୟୁକ୍ରେନ୍ ସରକାରଙ୍କ ସହଯୋଗ ଏବଂ ଆମେରିକାର ମଧ୍ୟସ୍ଥତା ପାଇଁ ପ୍ରୟାସ ଉପରେ ନିର୍ଭର କରେ ।

୨ ଜୁନ୍‌ରେ ହୋଇଥିବା ଚୁକ୍ତି ସତ୍ତ୍ୱେ, ରୁଷ୍ ଗଣମାଧ୍ୟମ ରିପୋର୍ଟ କରିଥିଲା ଯେ, କ୍ରେମଲିନ ଯୁଦ୍ଧବିରତି ପାଇଁ ଦୁଇଟି ପ୍ରସ୍ତାବ ଦେଇଥିଲା, ଯେଉଁଥିରେ ୟୁକ୍ରେନ୍ ନିଜ ସେନାକୁ ୪ଟି ଅଞ୍ଚଳ (ଡୋନେଟସ୍କ, ଲୁହାନସ୍କ, ଖେରସନ ଏବଂ ଜାପୋରିଝିଆ)ରୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା, ଯାହାକୁ ରୁଷ୍ ନିଜର ଅଂଶ ବୋଲି ବିବେଚନା କରେ । ଏହା ବ୍ୟତୀତ ୧୦୦ ଦିନ ମଧ୍ୟରେ ୟୁକ୍ରେନରେ ରାଷ୍ଟ୍ରପତି ନିର୍ବାଚନ କରିବା ପାଇଁ ଏକ ସର୍ତ୍ତ ରଖାଯାଇଥିଲା । କିନ୍ତୁ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍‌ସ୍କି ଏହି ଦାବିଗୁଡ଼ିକୁ ଶାନ୍ତିର ଉଦ୍ଦେଶ୍ୟ ବିପରୀତ ବୋଲି କହୁଛନ୍ତି । ତାଙ୍କ ପକ୍ଷରୁ ନୂତନ କଟକଣା ଦାବି କରାଯାଇଥିଲା । ଜେଲେନ୍‌ସ୍କି ବିଶ୍ୱାସ କରନ୍ତି ଯେ, ଏହି ଦାବିଗୁଡ଼ିକ ପ୍ରକୃତରେ ୟୁକ୍ରେନର ଆତ୍ମସମର୍ପଣ ପାଇଁ ସର୍ତ୍ତ, ଯାହାକୁ ସେ ଗ୍ରହଣ କରିବେ ନାହିଁ । ପ୍ରକାଶ, ପ୍ରଥମ ପର୍ଯ୍ୟାୟ ଆଲୋଚନା ୧୬ ମେ’ ରେ ଇସ୍ତାନବୁଲରେ ହୋଇଥିଲା, ଯେତେବେଳେ ଦୁଇ ଦେଶ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ୨ ଜୁନ୍‌ରେ ତୁର୍କୀରେ ଅନୁଷ୍ଠିତ ହୋଇଥିଲା । ଶେଷ ବୈଠକରେ ୟୁକ୍ରେନର ପ୍ରତିରକ୍ଷା ମନ୍ତ୍ରୀ ରୁସ୍ତମ ଉମାରୋଭ ତୃତୀୟ ବୈଠକ ଜୁନ୍ ଶେଷ ସପ୍ତାହରେ ଅନୁଷ୍ଠିତ ହେବା ନେଇ ପ୍ରସ୍ତାବ ଦେଇଥିଲେ, କିନ୍ତୁ ଏହା ସମ୍ଭବ ହୋଇପାରିନଥିଲା ।

# ହିମାଚଳ ବିପର୍ଯ୍ୟୟ: ମୃତ୍ୟୁ ସଂଖ୍ୟା ୬୯କୁ ବୃଦ୍ଧି, କ୍ଷୟକ୍ଷତି ୪୦୦ କୋଟି

ଶିମଲା: ହିମାଚଳ ପ୍ରଦେଶରେ ବାଦଲଫଟା ବର୍ଷା ସାଙ୍ଗକୁ ମୌସୁମୀ ବର୍ଷାଜନିତ ବିପ୍ଲବ ବିପୁଳ କ୍ଷୟକ୍ଷତି ଆଣିଛି । ଗତ ୧୩ ଦିନ ମଧ୍ୟରେ ରାଜ୍ୟରେ ସାଧାରଣ ଜୀବନଯାତ୍ରା ବହୁମାତ୍ରାରେ ପ୍ରଭାବିତ ହୋଇଛି । ପ୍ରବଳ ବର୍ଷା, ଭୂସ୍ଖଳନ ଯୋଗୁ ବର୍ତ୍ତମାନ ସୁଦ୍ଧା ୬୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଲୋକ ଏବେ ବି ନିଖୋଜ ରହିଛନ୍ତି । ଫଳରେ ଆଗକୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି କୁହାଯାଉଛି । ଏହା ସହିତ ଏହି ପ୍ରାକୃତିକ ଦୁର୍ବିପାକ ଯୋଗୁ ରାଜ୍ୟରେ ପ୍ରାୟ ୪୦୦ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଇଛି । ଜୁନ ୨୦ରୁ ଜୁଲାଇ ୩ ମଧ୍ୟରେ ହୋଇଥିବା ବର୍ଷାରେ ରାଜ୍ୟର ମଣ୍ଡି ଜିଲା ସବୁଠୁ ବେଶୀ କ୍ଷତିଗ୍ରସ୍ତ ହୋଇଛି । ବହୁ ଘରଦ୍ୱାର ଭୁଶୁଡ଼ି ପଡ଼ିଛି । ଅନେକ ଗାଡ଼ିମୋଟର ମାଟିତଳେ ଦବିଯିବା ସହିତ ବନ୍ୟାଜଳରେ ଭାସିଯାଇଛି । ଏବେ ବି କ୍ଷତିଗ୍ରସ୍ତଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ରାଜ୍ୟବ୍ୟାପୀ ୨୫୦ରୁ ଅଧିକ ରାସ୍ତାଘାଟ ଏବେ ବି ବନ୍ଦ ରହିଛି । ୫୦୦ରୁ ଅଧିକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ ଅବସ୍ଥାରେ ଅଛି । ଅନ୍ୟାନ୍ୟ ପ୍ରଭାବିତ ଜିଲ୍ଲାଗୁଡ଼ିକରେ, ବିଳାସପୁରରେ ୬, ଚମ୍ବାରେ ୬, ହମିରପୁରରେ ୨, କାଙ୍ଗଡ଼ାରେ ୧୩, କିନ୍ନୌରରେ ୨, କୁଲୁରେ ୪, ଲାହୌଲ ସ୍ପିତିରେ ୧, ଶିମଲାରେ ୫, ସିରମୌରରେ ୧, ସୋଲାନରେ ୨ ଏବଂ ଉନା ଜିଲ୍ଲାରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟ କରାଯାଇଛି । ସେହିପରି ଏପର୍ଯ୍ୟନ୍ତ ୧୦୯ ଜଣ ଆହତ ହୋଇଛନ୍ତି, ଯେଉଁମାନଙ୍କର ଚିକିତ୍ସା ଚାଲିଛି । ପ୍ରବଳ ବର୍ଷା ଯୋଗୁଁ ୨୮୭ ଗୃହପାଳିତ ଜୀବଜନ୍ତୁଙ୍କ ମୃତ୍ୟୁ ହୋଇଛି ଯାହା ଗ୍ରାମୀଣ ଅର୍ଥନୀତିକୁ ଏକ ବଡ଼ ଆଘାତ ଦେଇଛି । ଏସବୁ ଭିତରେ ଭାରତ ପାଣିପାଗ ବିଭାଗ ପକ୍ଷରୁ ଆଗାମୀ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ସତର୍କତା ଜାରି କରାଯାଇଛି ।

# ୧୦ ବର୍ଷିଆ ପ୍ରତିରକ୍ଷା ଚୁକ୍ତି କରିବେ ଭାରତ-ଆମେରିକା: ପେଣ୍ଟାଗନ୍

ୱାଶିଂଟନ୍: ଭାରତ ଏବଂ ଆମେରିକା ମଧ୍ୟରେ ଆଗାମୀ ୧୦ ବର୍ଷ ପାଇଁ ଏକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହେବ । ଆମେରିକା ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି । ରିପୋର୍ଟ ଅନୁସାରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ତାଙ୍କ ଆମେରିକୀୟ ପ୍ରତିପକ୍ଷ ପିଟ୍ ହେଗ୍‌ସେଥ୍ ଭାରତ ଓ ଆମେରିକା ମଧ୍ୟରେ ପ୍ରତିରକ୍ଷା ଓ ରଣନୈତିକ ସମ୍ପର୍କକୁ ଆହୁରି ବିସ୍ତାର କରିବା ପାଇଁ ୧୦ ବର୍ଷିଆ ଢାଞ୍ଚା ପ୍ରସ୍ତୁତ କରିବାକୁ ରାଜି ହୋଇଛନ୍ତି । ରାଜନାଥ ଓ ହେଗସେଥଙ୍କ ମଧ୍ୟରେ ହୋଇଥିବା ଟେଲିଫୋନିକ ଆଲୋଚନା ସମ୍ପର୍କରେ ପେଣ୍ଟାଗନ୍ ପକ୍ଷରୁ ଏକ ବିବୃତି ଜାରି କରାଯାଇ ଏହି ନିଷ୍ପତ୍ତି ବିଷୟରେ ଉଲ୍ଲେଖ କରାଯାଇଛି । ଏଥିରେ କୁହାଯାଇଛି ଯେ, ଚଳିତ ବର୍ଷ ପରବର୍ତ୍ତୀ ବୈଠକରେ ଆସନ୍ତା ୧୦ ବର୍ଷିଆ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିବାକୁ ହେଗ୍‌ସେଥ୍ ଓ ରାଜନାଥ ସହମତ ହୋଇଛନ୍ତି । ଉଭୟ ପକ୍ଷ ଭାରତକୁ ଆମେରିକାର ପ୍ରମୁଖ ପ୍ରତିରକ୍ଷା ବିକ୍ରୟ ଏବଂ ଦୁଇ ଦେଶ ମଧ୍ୟରେ ଘନିଷ୍ଠ ପ୍ରତିରକ୍ଷା ସହଯୋଗର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ପେଣ୍ଟାଗନ୍ କହିଛି, ଦକ୍ଷିଣ ଏସିଆରେ ପ୍ରମୁଖ ପ୍ରତିରକ୍ଷା ସହଯୋଗୀ ଭାବେ ଆମେରିକା ଭାରତକୁ ପ୍ରାଥମିକତା ଦେଉଛି । ଫେବ୍ରୁଆରି ୨୦୨୫ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମିଳିତ ବିବୃତିରେ ଧାର୍ଯ୍ୟ ପ୍ରତିରକ୍ଷା ଲକ୍ଷ୍ୟ ହାସଲ ଦିଗରେ ଉଭୟ ଦେଶ କରିଥିବା ଯଥେଷ୍ଟ ଅଗ୍ରଗତି ସମ୍ପର୍କରେ ଉଭୟ ନେତା ସମୀକ୍ଷା କରିଛନ୍ତି । ତେଜସ ଲାଇଟ୍ କମ୍ବାଟ୍ ଏୟାରକ୍ରାଫ୍ଟ ପାଇଁ ଜିଇ ଏଫ୍ ୪୦୪ ଇଞ୍ଜିନ ଯୋଗାଣ ତ୍ୱରାନ୍ୱିତ କରିବାକୁ ସିଂହ ହେଗ୍‌ସେଥ୍‌ଙ୍କୁ ଅନୁରୋଧ କରିଛନ୍ତି । ଭାରତରେ ଏଫ୍୪୧୪ ଜେଟ୍ ଇଞ୍ଜିନର ମିଳିତ ଉତ୍ପାଦନ ପାଇଁ ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡ୍ (ହାଲ୍) ଓ ଆମେରିକାର ପ୍ରତିରକ୍ଷା କମ୍ପାନି ଜିଇ ଏରୋସ୍ପେସ୍ ମଧ୍ୟରେ ପ୍ରସ୍ତାବିତ ଚୁକ୍ତିକୁ ଶୀଘ୍ର ଚୂଡ଼ାନ୍ତ ରୂପ ଦେବାକୁ ମଧ୍ୟ ରାଜନାଥ ଦାବି କରିଛନ୍ତି ।

# ତିବ୍ବତ୍ ଆମ ଆଭ୍ୟନ୍ତରୀଣ ପ୍ରସଙ୍ଗ, ଭାରତ ଦୂରେଇ ରହୁ: ଚୀନ୍

ବେଜିଂ: ନୂଆ ଦଲାଇଲାମା ଚୟନ ପ୍ରସଙ୍ଗକୁ ନେଇ ଭାରତ-ଚୀନ୍ ମଧ୍ୟରେ ଉତ୍ତେଜକ ପରିସ୍ଥିତି ଉତ୍ପନ୍ନ ହୋଇଛି । ଦିନକ ପୂର୍ବେ ଭାରତ ପକ୍ଷରୁ କୁହାଯାଇଥିଲା ଯେ, ପରବର୍ତ୍ତୀ ଦଲାଇ ଲାମା ଚୟନ ପ୍ରସଙ୍ଗ ସମ୍ପୂର୍ଣ୍ଣ ରୂପେ ଏବେର ଦଲାଇ ଲାମାଙ୍କ ନିଜସ୍ୱ ଅଧିକାରଗତ ନିଷ୍ପତ୍ତି । ଏଥିରେ ତୃତୀୟ ପକ୍ଷର କୌଣସି ହସ୍ତକ୍ଷେପକୁ ଭାରତ ବରଦାସ୍ତ କରିବ ନାହିଁ । ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ ଯେ, ଦଲାଇ ଲାମା ତାଙ୍କ ଇଚ୍ଛା ଅନୁଯାୟୀ ତାଙ୍କ ଉତ୍ତରାଧିକାରୀ ବାଛିବା ଉଚିତ୍ । ଦଲାଇ ଲାମାଙ୍କ ସ୍ଥିତି କେବଳ ତିବ୍ବତୀୟଙ୍କ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱରେ ଥିବା ତାଙ୍କର ସମସ୍ତ ଅନୁଗାମୀଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାଙ୍କ ଉତ୍ତରାଧିକାରୀ ଚୟନ କରିବାର ଅଧିକାର କେବଳ ତାଙ୍କର ରହିଛି ।

ଭାରତର ଏପ୍ରକାର ବିବୃତ୍ତି ପରେ ଚୀନ୍ ପ୍ରତିକ୍ରିୟାଶୀଳ ହୋଇପଡିଛି । ଚୀନ୍, ଭାରତକୁ ଚେତାବନୀ ଦେଇ କହିଛି ଯେ, ତିବ୍ବତ ସମ୍ପୂର୍ଣ୍ଣ ରୂପେ ଚୀନ୍‌ର ଆଭ୍ୟନ୍ତରୀଣ ପ୍ରସଙ୍ଗ । ଭାରତ ଏଥିରେ ବୟାନବାଜି ନକରିବା ଉଚିତ୍ । ନଚେତ୍ ଏହା ଦୁଇ ଦେଶ ମଧ୍ୟରେ ଗମ୍ଭୀର ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି । ଚୀନ୍‌ର ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି ଯେ, ଭାରତ ତିବ୍ବତ ସହ ଜଡିତ ପ୍ରସଙ୍ଗ ଉପରେ ସତର୍କତାର ସହ କାର୍ଯ୍ୟ କରିବା ଉଚିତ୍ ଯାହାଦ୍ୱାରା ଦ୍ୱିପାକ୍ଷିକ ସମ୍ପର୍କରେ ଚାଲିଥିବା ସୁଧାର ପ୍ରଭାବିତ ହେବ ନାହିଁ । ନିଙ୍ଗ୍‌ଙ୍କ କହିବାନୁସାରେ ଭାରତ ୧୪ ତମ ଦଲାଇଲାମାଙ୍କ ଚୀନ୍ ବିରୋଧୀ ବିଚ୍ଛିନ୍ନତାବାଦୀ ସ୍ୱଭାବ ବିଷୟରେ ସ୍ପଷ୍ଟ ହେବା ଉଚିତ୍ ଏବଂ ଜିଜାଙ୍ଗ (ତିବ୍ବତ) ସହ ଜଡିତ ପ୍ରସଙ୍ଗରେ ଏହାର ପ୍ରତିବଦ୍ଧତାକୁ ସମ୍ମାନ କରିବା ଉଚିତ୍ । ପ୍ରକାଶ, ଚୀନ୍ ତିବ୍ବତକୁ ଜିଜାଙ୍ଗ ବୋଲି ଉଲ୍ଲେଖ କରେ ।

ଚୀନ୍‌ରୁ ନିର୍ବାସିତ ହୋଇ ବୌଦ୍ଧଧର୍ମର ସର୍ବୋଚ୍ଚ ଆଧ୍ୟାତ୍ମିକ ସନ୍ଥ ତଥା ୧୪ତମ ଦଲାଇ ଲାମା ଭାରତର ଧର୍ମଶାଳାରେ ଡେରା ପକାଇଛନ୍ତି । ତେବେ ତାଙ୍କ ବୟସ ଏବେ ୯୦ ବର୍ଷ ଛୁଇଁଥିବାରୁ ତାଙ୍କ ପରେ ନୂଆ ଦଲାଇ ଲାମା କିଏ ହେବେ ଏବଂ କିପରି ହେବେ ସେନେଇ ତର୍କ ବିତର୍କ ଜାରି ରହିଛି । ଦଲାଇ ଲାମା ନିଜେ ସ୍ପଷ୍ଟ କରିଛନ୍ତି ଯେ, ନୂଆ ଦଲାଇ ଲାମା ନିଯୁକ୍ତି ହେବାର ୬୦୦ ବର୍ଷ ପୁରୁଣା ଅନୁଷ୍ଠାନ ତାଙ୍କ ମୃତ୍ୟୁ ପରେ ମଧ୍ୟ ଜାରି ରହିବ ଏବଂ ୧୫ତମ ଦଲାଇଲାମାଙ୍କ ଚୟନ ସମ୍ପୂର୍ଣ୍ଣ ଭାବେ ଦଲାଇ ଲାମାଙ୍କ ସରକାରୀ କାର୍ଯ୍ୟାଳୟ ଗାଡେନ୍ ଫୋଡ୍ରାଙ୍ଗ ଟ୍ରଷ୍ଟ ଉପରେ ନିର୍ଭର କରିବ । ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ନୂଆ ଦଲାଇ ଲାମା ଚୀନ୍ ବାହାରୁ କେହି ଜଣେ ବୌଦ୍ଧ ସନ୍ଥ ହେବେ । କିନ୍ତୁ ଚୀନ୍‌ର ଦାବି ହେଉଛି ନୂଆ ଦଲାଇ ଲାମା ଚୀନ୍‌ରୁ ହିଁ ଜଣେ କେହି ହେବେ ଏବଂ ଏଥିପାଇଁ ଚୀନ୍ ସରକାରଙ୍କ ମଞ୍ଜୁରୀ ଆବଶ୍ୟକ ।

## ପରିଚୟ

କାହା ପାଇଁ ମୁଁ ଗୋଲାପ ପାଖୁଡ଼ା
କାହା ପାଇଁ ବୃକ୍ଷେ କଣ୍ଟା
ମନତ ମୋହର ସରଳ କୋମଳ
ବରଗଛ ଭଳି ଥୁଣ୍ଟା...
ପରିଚୟ ମୋର ସୁନେଲି ସ୍ୱପ୍ନ
ଅଧାଗଢ଼ା ତାଜମହଲ
କବିଟିଏ ହୋଇ ଜୀବନ ବିତାଏ
ସ୍ୱପ୍ନରେ ହୋଇ ମତୁଆଲ...
ମମତା ବୁକୁରେ ଜଡ଼ାଇ ଧରି
ଜନ୍ମିତ ମାତ୍ରର କନ୍ୟା
ମାଟି ମମତାରେ ଆଜି ବିଭୋରିତ
କାହାର ମାନସ କନ୍ୟା...
କ୍ରନ୍ଦନ ଶିଶୁର ଓଠର ମୁକ୍ତାରେ
ମମତାର ମିଠା ଚୁମ୍ବନ
ପ୍ରତିଧ୍ୱନି ସାଥେ ସଦା ଚେଷ୍ଟିତ
ଗଢ଼ିବାକୁ ସ୍ୱପ୍ନ ନିର୍ମାଣ...
ପରିଚୟ ପାଇଁ ହେଲି ହଡ଼ବଡ଼
ପଚାରିଲି ପାହାଡ଼ ଝରଣା
ସଭିଏଁ କହିଲେ ତୁମ ମନକୁ ପଚାର
ପରିଚୟ ମୋର କ'ଣ ?
ଜୀବନ ପଥରେ ବିରସ ମନରେ
ଚାଲୁଛି ପଥ ଅସରନ୍ତି
ରାଇର ଭାବନା ବହୁଦୂରେ ମୋର
ଶୋଷଣ ଶୋଷେ ରକ୍ତ...
ଯନ୍ତ୍ରଣା ଜଡ଼ିତ ବୁକୁ ମୋ ପୂରିତ
ରୌଦ୍ର ତାପରେ ଜାଗ୍ରତ
ମଳୟ ପବନ ଫଗୁଣ ବିହୀନ
କେମିତି ହେନ୍ତ ନିଦ୍ରିତ...
ରହି ରହି ଶୁଭେ ହୃଦୟେ
ବିପ୍ଳବ ଧ୍ୱନିର ବିଳାପ
ଲେଖୁଛି ଅଗ୍ନିର ସ୍ଫୁଲିଙ୍ଗ
ହରାଇ ମନର ସନ୍ତାପ...
ଯନ୍ତ୍ରଣା ଜର୍ଜରିତ ସର୍ପର ଫୁତ୍କାର
ଭରିଛି ହୃଦୟେ ଜହର
ବାରବାର ଉଠି କରୁଛି ବିକଳେ
ଭାଙ୍ଗି ଶୋଷଣର ଗନ୍ତାଘର...
ଆଖିର ସପନେ ତୋଳି ମୁଁ ଘର
କଷଣର ହୁଏ କ୍ଷୟ
ହେଲି ମୁଁ ଦର୍ଶକେ ପରିଚିତ
ଏଇ ମୋର ପରିଚୟ
ତୁମରି ପଣତ ଧରି
ହେଲେ ମୁଁ ସାହାସୀ
ତୁମରି କଥାକୁ ଶିଖି
ହେଲି ମୁଁ କବୟିତ୍ରୀ
ହେ ମା ମୋ ମା
ତୁମେ ହିଁ ମୋ
କବିର କବିତା...।

**ଶୁଭଶ୍ରୀ ଭୋଳ**
ବାଲିକୁଦା, ଜଗତସିଂହପୁର

## ଚିତ୍ରଗୁପ୍ତଙ୍କୁ ଚିଠି

ଚିତ୍ରଗୁପ୍ତଙ୍କୁ ଚିଠି
ପ୍ରଣମେଷୁ ଚିତ୍ରଗୁପ୍ତ !
ପାଞ୍ଜି ଯେ ତୁମର
ଏକାନ୍ତ ନିଜର
ପ୍ରିୟଠୁ ପ୍ରିୟରେ
ପାଞ୍ଜିରେ ଖୋଜିବେ
ଅଭାଗା ନାମକୁ ମୋହର...
ସତରେ କହିବ ଆଉ କେତେବାଟ
ଭୋଗିବାକୁ ହେବ
ମାୟାର କୋଳାହଳ ମଧ୍ୟେ
ଚଢ଼ି ଚଢ଼ି ଯାତନାର ଶିଢ଼ି
ଗୋଡ଼ ହାତ ଗଲାଣି ଛିଡ଼ି...
ଜିଜ୍ଞାସାର ଝରକାରେ
ଆଶା ଆଉ ଆଶଙ୍କାରେ
ଅପଲକ ଦୁଇ ଆଖି ମୋର
ଅପ୍ରସମିତ ଖୋଜି ଖୋଜି
ନିଜ ଆଉ ପର
ନିରବ ସମୁଦ୍ର ବେଳାରେ।

**ରାଜେନ୍ଦ୍ର ନାରାୟଣ ପ୍ରହରାଜ**
ମଧୁପାଟଣା, କଟକ



# ଏକ ନିରୋଳା ଅପରାହ୍ନ

**ଅମ୍ବିକା ସ୍ୱାଇଁ**

ସ୍ମିତି କଳ୍ପନାର ସମବେଦନା ତୁମ ପାଇଁ। କଳ୍ପନା ତ ମୋର ସାହା। ବାସ୍ତବ ମଧ ମୋ ପାଇଁ ଅବରୁଦ୍ଧ। ହୁଏତ ଏହି ଲେଖା ଖଣ୍ଡିକ ମୋ ପାଇଁ ଶେଷ ଲେଖା ହୋଇପାରେ। ଲେଖାଟିକୁ ପାଠ କରି ତୁମ ମନରେ ପ୍ରତିକ୍ରିୟା ରେଣୁ କେଉଁ ମାପକାଠିରେ ଉଦ୍‌ଭାସିତ ହେବ ସେ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ।

ଦୀର୍ଘ ପାଞ୍ଚବର୍ଷ ଦାମ୍ପତ୍ୟ ଭିତରେ ତୁମ ପାଖକୁ ଦ୍ୱିତୀୟ ପତ୍ର। ବୋଧହୁଏ ଘୃଣା କରୁଛି ପ୍ରତ୍ୟୁତ୍ତର ଖଣ୍ଡେ ବ୍ୟକ୍ତ କରିବାକୁ। ମୋତେ ଲଜ୍ଜା ଲାଗୁଛି ସଂକୋଚ ବୋଧ କରୁଛି ତୁମ ନାଁଟି ସାବ୍ୟସ୍ତ କରିବାକୁ। ନିଶ୍ଚୟ ଘୃଣାର ଦୃଷ୍ଟିରେ ଏଡ଼େଇ ଦେବ। ତଥାପି ଅନୁରୋଧ ଶେଷ ପର୍ଯ୍ୟନ୍ତ ଦୃଷ୍ଟି ନିକ୍ଷେପ କରିବାକୁ।

ବତାସୀ ଝଡ଼ର ଝଲକାଏ ଉଷ୍ଣ ବାୟୁ ନିଶ୍ଚୟ ତୁମ ଉପରକୁ ଛିଟିକି ପଡ଼ି ଦାଗ ସୃଷ୍ଟି କରି ନେଇଥିବ। ସେହି ଅସମ୍ଭବ ଦାଗ ଗୁଡ଼ିକ ଏବେ ମଧ ଛାପି ଛାପିକା ଲାଗି ରହିଛି ତୁମ ଦେହରେ। ନିଶ୍ଚୟ ଲାଗିଛି ସତ ନାଁ ? ହେଲେ ମୁଁ ତ ଅନ୍ତରୀକ୍ଷ ବାସୀ। ସେ ଟା ତ ସ୍ୱାଭାବିକ। ଛିଟିକାର ଦାଗଗୁଡ଼ିକ ନ ଶୁଖିବା ପୂର୍ବରୁ ପୁନର୍ବାର ନୂତନ ଦାଗ ସୃଷ୍ଟି ହୋଇଯାଏ। ନିଶ୍ଚୟ ବର୍ଷା ହେବ ତା ପରେ ଚତୁର୍ଦ୍ଦିଗରେ ଡାହାଣୀ ଖରା। ଏ ତ ପ୍ରକୃତିର ନିୟମ। ପୁଣି ମାନବ ସେ ତ ପ୍ରକୃତିର ନିୟମର ଚିରାନୁରାଗୀମ। ନାଁ ସେ ଭାବେ ସେ ବୁଦ୍ଧିମନ୍ତ ବିବେକବନ୍ତ। ଚିରାଚରିତ ପ୍ରଥା ଅନୁସରଣକୁ ସେ ନା ପସନ୍ଦ କରେ।

ମନେ ନାହିଁ ସ୍ମିତି, କୈଶୋର ଅତିକ୍ରମ କରି ସଦ୍ୟ ଯୌବନର ତାଳରେ ପାଦ ରଖି ବୟସ ସ୍ରୋତରେ ସମୟ ନଈରେ ଭାସି ଯାଉଥିଲେ। ଆମେ ଦୁହେଁ ଆଶାର ବନ୍ଧନରେ ପ୍ରାଣର ଉଦାମତା ବୃଦ୍ଧି ପାଇବାରେ ଲାଗିଲା ଯୌବନ ତ ରମଣୀୟତା ପାଇଁ ସୃଷ୍ଟି ସେହି ତାଳରୁ ଆମେ ମଧ ବାଦ୍ ଗଲେ ନାହିଁ। ସୌନ୍ଦର୍ଯ୍ୟର କୁହୁକ ଜାଲ କାହିଁ କେତେ ଆଡ଼କୁ ଟାଣି ନେଇଗଲା। ପ୍ରେମ ବିତରଣରେ ଜଗତରେ ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ ସବୁ ସ୍ଥାପିତ କରିହୁଏ। ଶତଆଘାତ ଲାଞ୍ଛନା ସହ୍ୟ କରି ଆମେ ଭାଙ୍ଗି ପଡ଼ି ନଥିଲେ। ବୁଝି ନେଇଥିଲେ ପ୍ରେମ ବିତରଣ ଏକ ସ୍ୱାଭାବିକ ଗୁଣ। ସେହି ମୁହୂର୍ତ୍ତକ ଆବେଗ ଯେଉଁ ଅନୁଭୂତି ଆଖି ଉପରିସ୍ଥ କରାଇଥିଲା, ତାକୁ ସମ୍ବଳ ରଖି ମୁଁ ଭାବ ମୁଁ ଭାବ ଚାଲିଥିଲି ସରସ କୁସୁମ ଫୁଟାଇବାର ପ୍ରଚେଷ୍ଟାରେ। ମୁହୂର୍ତ୍ତର ଅନୁଭୂତି ଯେଉଁ ଯୁଗ ଯୁଗର ଆହ୍ୱାନ ତୋଳି ବସିଲା ତାହା ମୋର ପରାକାଷ୍ଠା, ଯୌବନ ଓ ଆଦର୍ଶବୋଧକୁ ଧନ୍ୟବାଦ ନ ଦେଇ ରହିପାରୁନାହିଁ। ସେତେବେଳେ ମୁଁ ଥିଲି ସମସ୍ତ ସମ୍ପର୍କୀୟ ପାଖରେ ଘୃଣାର ପାତ୍ର। କାରର ବାପା ଓ ବୋଉଙ୍କ ସମସ୍ତ ବାରତାକୁ ମୁଁ ଏଡି ଦେଉଥିଲି। ତଥାପି ଖୁସି ଥିଲି। ଲୋଡୁଥିଲି ଏ ବନ୍ଧୁର ସହଚର୍ଯ୍ୟ। ସଂସାରର କର୍ମ ଅତିକ୍ରମ କରିବା ପାଇଁ ମଣିଷ ଜଣେ ବନ୍ଧୁର ସହଚର୍ଯ୍ୟ ଅନୁଭବ କରେ। ଖୁବ୍ କମ ଲୋକ ଉପଯୁକ୍ତ ସାଥି ପାଇବାରେ ସଫଳ ହୁଅନ୍ତି। ମନକୁ ମନ ନ ମିଳିଲେ କେହି କାହାରି ବନ୍ଧୁତ୍ୱ ସ୍ୱର୍ଶ ଅନୁଭବ କରି ପାରନ୍ତି ନାହିଁ। ହୃଦୟର ବହୁତ ବାସନା ପ୍ରକାଶ କରି ସମୟ ଉଦ୍ଦାମତା ମେଣ୍ଟାଇବା କେବଳ ଜଣେ ସାଥିର ସହଚର୍ଯ୍ୟରେ ଘଟେ। ମୁଁ ମଧ ସେଥିରୁ ବାଦ୍ ପାଇ ନଥିଲି। ଉପଯୁକ୍ତ ବନ୍ଧୁର ସହଚର୍ଯ୍ୟରେ ଉତ୍ତମ ଲକ୍ଷ୍ୟ ପଥରେ ଆଗେଇ ଥିଲି। ସତ କଥା ନାଁ ? ମୁଁ ଅନ୍ୟମାନଙ୍କ ଠାରୁ ଟିକେ ଭିନ୍ନ ଥିଲି। ତୁମେ ଅନେକ ଥର ବ୍ୟକ୍ତ କରିଛ ତୁମର ଏହି ଆଦର୍ଶବାଦୀତା ମୋତେ ବହୁତ ଭଲ ଲାଗେ। ଅନେକ ପାଆନ୍ତି ବନ୍ଧୁର ସହଚର୍ଯ୍ୟରେ ଜୀବନଟାକୁ ନଷ୍ଟ କରି ଦିଅନ୍ତି। ଏଥିପାଇଁ ଉତ୍ତମ ବନ୍ଧୁର ସାହାଯ୍ୟ ତାଙ୍କ ପାଇଁ ଅତ୍ୟନ୍ତ ଜରୁରୀ ହୋଇପଡ଼ିଥାଏ। ଏହା ପ୍ରକୃତରେ ସହୃଦୟତାର ପରିଚୟ ଦେଇ ନଥାଏ। ତୁମେ କଣ ଜାଣିପାରିଲ ନାହିଁ ସତରେ ମୁଁ ସେଦିନ ସୌନ୍ଦର୍ଯ୍ୟ ପିପାସୁ ନଥିଲି ମଧୁର ଲିପସୁ ନଥିଲି। କେଉଁ ବକ୍ତବ୍ୟ ଦେଇ ମୁଁ ସାବ୍ୟସ୍ତ କରେ ତୁମେ ଜାଣିପାରିବ ଯେ ମୁଁ ସେଦିନ ସେମିତି ନଥିଲି। ଅନ୍ୟମାନଙ୍କଠାରୁ ଟିକିଏ ଭିନ୍ନ ଥିଲି। ତୁମେ ମୋତେ ଗଭୀର ଭାବରେ ସନ୍ଦେହ କରିଛ। ତୁମର ସନେ୍ହଦ ଜାଲ ତୁମକୁ ଏତେ ଜୋରରେ ଛନ୍ଦି ଦେଇଛି ଯେ ନିଜେ ଚେଷ୍ଟା କରି ମଧ ତୁମେ ସେଥିରୁ ବାହାରି ପାରିବ ନାହିଁ। ନାରୀମାନଙ୍କ ମଧ୍ୟରୁ ତୁମେ ହେଉଛ ଭିନ୍ନ ପ୍ରକାରର ନାରୀ ସ୍ମିତ। ତୁମର ମନ ହେଉଛି ଠିକ୍ ଶୁଖିଲା କାଠର ଅରଣ୍ୟ। ସେ ମନର ଅରଣ୍ୟରେ ସବୁଜିମା ନାହିଁ। ଝରଣା ନାହିଁ। ସେହି ଶୁଖିଲା କାଠ ଅରଣ୍ୟରେ ଯଦି ବହ୍ନି ପ୍ରତିଭାତ ହୁଏ, ତାହା ନିର୍ବାପିତ କରିବା ପାଇଁ ପୁରୁଷ ପକ୍ଷରେ ସାଧତୀତ ବ୍ୟାପାର।

ତୁମେ ଏତେ ଶିକ୍ଷିତା ହୋଇ ଏପରି ଭାବରେ ନିଜକୁ ପ୍ରତିହିଂସା ବହ୍ନି ଦ୍ୱାରା ପ୍ରଜ୍ଜ୍ୱଳିତ କରିବ ମୁଁ ନିଜକୁ ମଧ ଆଜି ବିଶ୍ୱାସ କରିପାରିନାହିଁ। ତା ହେଲେ କାହାକୁ ସାହାଯ୍ୟ କରିବା କ'ଣ ଭୁଲ ? ତୁମେ ସେଦିନ ତିଳିକୁ ନେଇ ମୋତେ ବିରାଟ ସନ୍ଦେହ କରିଥିଲ। ତୁମର ମୋର ଦୀର୍ଘ ୮୫ ବର୍ଷ ମିଳାମିଶା ଭିତରେ ତୁମେ ମୋର ପୌରଷତ୍ୱକୁ ଚିହ୍ନି ପାରିଲ ନାହିଁ। ତା ହେଲେ ତୁମେ କେଉଁ ଲକ୍ଷ୍ୟରେ ମୋ ସାଥୀରେ ଏତେ ମିଳାମିଶା କରୁଥିଲ। ଶେଷରେ ତୁମେ ମୋର ପୌରଷତ୍ୱକୁ ଅବିଶ୍ୱାସ କରି ଚାଲିଗଲ। ବିବାହର ଦୁଇ ମାସ ପରେ ତୁମେ ଯେଉଁ ଝଡ଼ ସୃଷ୍ଟି କରି ବସିଥିଲ ଯାହାକି ମୋର ସାରା ପରିବାରକୁ କ୍ଷତ ବିକ୍ଷତ କରି ପକାଇଥିଲା। ହଁ ମୁଁ ସିନା ତୁମ ସନ୍ଦେହ କାରଣ ପାଇଁ ଥିଲି ଅବହେଳିତ। ହେଲେ ମୋର ପରିବାର ? ସେମାନେ କି ଦୋଷ କରିଥିଲେ। ତୁମେ କାହିଁକି ଏତେ ନିଷ୍ଠୁର ହୋଇପାରିଲ। ତୁମେ ତ ଏମିତି ନଥିଲ ସ୍ମିତି। ବହୁତ ମନେ ପଡ଼େ ଆଜି ଯେଉଦିନ ମୁଁ ତୁମକୁ ବିବାହ କରିବାର ବିଚାର କଲେ। ବାବା ବୋଉଙ୍କ ନିକଟରେ ଉପସ୍ଥାପନ କରାଇଥିଲି। ବାପା ଓ ବୋଉ କେବଳ ମୋତେ ଏତିକି କହିଥିଲି ଯେ ତୋ ନିଷ୍ପତ୍ତିରେ ଆମେ ଏକମତ ହେଲେ ଯାହାଟା କରିବାକୁ ଯାଉଛୁ ସମସ୍ତ ପରିବାର ପାଇଁ ଯେପରି ମଙ୍ଗଳ ହେବ। ସେହି ଦିନ ମୋତେ ଲାଗୁଥିଲା ସତେ ଯେମିତି ସେମାନଙ୍କର ଆଶୀର୍ବାଦ ମୋ ପାଇଁ ଫଳବତୀ ନୁହେଁ।

ତା ପରେ ବିଧିର ନିୟମାନୁଯାୟୀ ସୃଷ୍ଟିର ବୟସରେ ସାଥୀ ହୋଇଗଲେ ଆମେ ଦୁହେଁ। ତୁମେ ମଧ ଅନ୍ୟମାନଙ୍କ ଦୃଷ୍ଟିରେ ଟିକେ ଭିନ୍ନ ରୂପ ଦେଇଥିଲ। ଯାହା ହେଉ ବରଂ ତୁମେ ଯେତେବେଳେ ଆମ ଘରର କୂଳବଧୂ ହୋଇଗଲ ସେତେବେଳେ ତୁମକୁ ଉପଯୁକ୍ତ ସମ୍ମାନରୁ ଟିକିଏ ମଧ ଊଣା କରାଯାଇନି। ମାତ୍ର ତୁମେ କାହାରିକୁ କାହାର ସମ୍ମାନର ପ୍ରାପ୍ୟ ଦେବାକୁ ପ୍ରସ୍ତୁତ ନଥିଲ। ଆସ୍ତେ ଆସ୍ତେ ତୁମେ ଭିନ୍ନ ରୂପ ଧାରଣ କରିବାକୁ ଚେଷ୍ଟ କଲ। ତୁମ ବ୍ୟବହାରର ଅବେଳ ତ୍ରୁଟି ପାଇଁ ପରିବାରର ଅଶାନ୍ତି ପାଇଁ ଘର ଛାଡ଼ିବାକୁ ବାଧ ହେଲି। ଦୀର୍ଘଦିନ ହେବ ମୋର ସୁଖର ପରିବାର ଚାହିଁଥିଲା ଗୋଟିଏ କର୍ତ୍ତବ୍ୟ ପରାୟଣା ସୁଶିକ୍ଷିତା ବୋହୂ। ବୋଉ ଓ ବାପା ପାଗଳ ହୋଇ ଉଠୁଥିଲେ ତାଙ୍କର ସ୍ନେହର ସରୁ ବାଲି ସିଞ୍ଚି ପକାଇବେ ତୁମ ଉପରେ। ଭାଇ ଓ ଭଉଣୀ ଚାହିଁଥିଲେ ତୁମର ସ୍ନେହର ପରଶରେ ବାନ୍ଧି ହୋଇ ତୁମର ନିକଟବର୍ତ୍ତୀ ହୋଇ ଗେହ୍ଲେଇ ଗେହ୍ଲେଇ ତୁମ ହାତର ପରଶା ପାଇବା ପାଇଁ। କାହିଁ ତୁମର ଘରେ ପାଦ ଦେବା ମାତ୍ରେ ସେ ଖୁସିର ଆସର କେବେ ବୃଦ୍ଧି ପାଇବାର ମୁଁ ଲକ୍ଷ୍ୟ କରି ନାହିଁ। ସବୁ ଯେମିତି ଅପେକ୍ଷା କରିଥିଲା ତୁମର ହାତର ପରଶକୁ। ତୁମରି ହାତର ପରଶ ଯେମିତି ଅହଲ୍ୟା ଜୀବନ୍ୟାସ ପାଇଲା ପରି ଚିହିଁକି ଉଠି ସମସ୍ତଙ୍କୁ ହୃଦୟରେ ଖୁସିର ଦୀପାଳି ଜଳାଇ ଦେଇଥାନ୍ତା। ହେଲେ ତୁମେ ପାରିଲନି ସ୍ମିତି। ନୈତିକତା, ଧର୍ମପ୍ରାଣତା ଏଗୁଡ଼ିକ ପ୍ରଦର୍ଶିତ ନହୁଏ, ତେବେ କହିପାରିବ ତୁମକୁ କ'ଣ ବୋଲି ବିବେଚନା କରାଯିବ ?

ଅନେକ କଥର ତୁମେ ମୋ ପାଖରେ ଅଭିଯୋଗ କରିଛ ଯେ ମୁଁ ଏମିତି ଚଳିପାରିବିନି ସେମିତି ଚଳିପାରିବିନି। ବିଭିନ୍ନ ଉପାୟରେ ତୁମର ଅଭାବ ପୂରଣ କରି ତୁମର ସେହି ଚକ୍ରକ୍ରାନ୍ତି ସୁଖରେ ଖୁସିର ଆସର ଜମାଇବା ପାଇଁ ଚେଷ୍ଟା କରିଛି। ମାତ୍ର ତୁମେ ସେଥିରେ ମଧ ସନ୍ତୁଷ୍ଟ ହୋଇପାରିନଥିଲ। ପ୍ରସ୍ତାବ ଦେଇଥିଲ ଅଲଗା ଭଡ଼ା ଘରେ ରହିବାକୁ। ଅନିଚ୍ଛା ସତ୍ତ୍ୱେ ମଧ ତୁମ କଥାରେ ମୁଁ ରାଜି ହୋଇଥିଲି। ସହରରେ ମହଙ୍ଗା ଦୁନିଆଁ ପୁଣି ଘରଭଡ଼ା, ଏପଟେ ପରିବାର। ତୁମେ ଚାହିଁବା ଅନୁସାରେ ମୁଁ କରିପାରୁନଥିଲି। ଆଉ ମୁଁ ତ ସେହି ତ୍ରେତୟା ଯୁଗର ନୁହେଁ। ସାମାନ୍ୟ ଭକ୍ତ ବେତନଭୋଗୀ ବେସରକାରୀ ମହାବିଦ୍ୟାଳୟ ଅଧ୍ୟାପକ ଜଣେ। ମୁଁ କାହିଁକି ତୁମକୁ ଶାନ୍ତି ଦେଇ ପାରିଲିନି ସ୍ମିତି। ତୁମେ ମୋତେ ସମ୍ମୁଖରେ କେବେ ତୁମର ପ୍ରଶ୍ନ ଉତଯାପନ କରିନାହଁ। ତୁମେ ଚାଲିଯିବା ପରେ ମୁଁ ଅନୁମାନ କରୁଛି ତୁମେ ମୋତେ ଗଭୀର ଭାବରେ ସନ୍ଦେହ କରିଛ। ତୁମକୁ ସହାନୁଭୂତି ପ୍ରଦର୍ଶନରେ କେବେ ମଧ ଅବହେଳା କରିନାହିଁ କାରଣ ତୁମକୁ ମୁଁ ଭଲପାଇ ବିବାହ କରିଥିଲି ବୋଲି। ତାର ମଧ ଗୋଟିଏ ଶେଷ ସୀମା ଥିଲା ତ ତା ନୁହେଁ ? କୁହ ତୁମେ ନିଜେ ଏହାଠାରୁ ମୁଁ ଅଧିକ କ'ଣ ପାରିଥାନ୍ତି। ତୁମର ସହଚର୍ଯ୍ୟ ମୋର ଆବଶ୍ୟକ ନାହିଁ। ତୁମେ ଟିକେ ଶାନ୍ତିରେ ରୁହ। ସେଠାରେ ରହି ତୁମେ ଯଦି ଶାନ୍ତିରେ ରହିପାରିଥିବ ତା ହେଲେ ମୁଁ ସେହିଟିକୁ ଅନୁଭବ କରି ମଧ ମହାଆନନ୍ଦରେ ସମୟ ଅତିବାହିତ କରିପାରିବି। କାରଣ ତୁମେ ନିଜେ ମୋର ଅର୍ଦ୍ଧାଙ୍ଗିନୀ ଥିଲ।

ମନେରଖ ସ୍ମିତି ବାହ୍ୟବସ୍ତୁର ସଂଗ୍ରାମରେ ମନୁଷ୍ୟ କେବେ ଶାନ୍ତି ପାଏ ନାହିଁ। ଅନ୍ତରର ପ୍ରବୃତ୍ତି ମାନଙ୍କ ସହିତ ସଂଗ୍ରାମ କରିବା ଶିକ୍ଷା କର। ଭିତର ଯୁଦ୍ଧରେ ଯଦି କ୍ଷତ ବିକ୍ଷତ ତେବେ ବାହାରର ସଂଗ୍ରାମର ଜୟରେ କିଛି ଲାଭ ମିଳେ ନାହିଁ। ମନୁଷ୍ୟ କାହିଁକି ଶ୍ରେଷ୍ଠ ପ୍ରାଣୀ ବୋଲି ବିବେଚିତ ହୋଇଛି କହିପାରିବ ? ତାରି ବୁଦ୍ଧି ବିବେକ ଅଛି। ତାହାରି ବଳରେ ସେ ଅନ୍ୟପ୍ରାଣୀଙ୍କ ଠାରୁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ବସିଛି। ବୁଦ୍ଧି ବିବେକକୁ ଯଦି ପ୍ରୟୋଗ ନ କରି କାର୍ଯ୍ୟ କରାଯାଏ ତେବେ ଆତ୍ମଗ୍ଲାନି ହୃଦୟକୁ ଉଦ୍‌ବେଳିତ କରି ପକାଇବ। ସେହି ଆତ୍ମଗ୍ଲାନି ବିଚାରକୁ ଯିଏ ନ ଆଣେ ତାକୁ ମନୁଷ୍ୟ ରୂପେ ବିବେଚନା କରିବା ଭୁଲ। ତୁମେ ତ ଜଣେ ଶିକ୍ଷିତା ଏ ସବୁ କଥା ବିଶ୍ଳେଷଣ କରିବାକୁ କ'ଣ କେବେ ଫୁରସତ ପାଇନାହଁ। ହୁଏ ତୁମେ ଚାହିଁଥିଲ ଜଣେ କ୍ଲାସ ୱାନ ଅଫିସରର ସ୍ତ୍ରୀ ହୋଇଯିବାକୁ। ମୋ ସାଥିରେ କିଛି ଦିନ ମିଶିଗଲା ପରେ ସେଗୁଡ଼ିକୁ ତୁମେ ଭୁଲି ଯାଇଥିଲ। ବୋଧହୁଏ ଆଶା କରି ନଥିଲ ଏମିତି ଗୋଟିଏ ଅଶୁଭ ସମୟ ଆସି ଆମ ଦୁହିଁଙ୍କୁ ବାନ୍ଧି ଦେବ ଏକ ବନ୍ଧନରେ। ବତାସୀ ଝଡ଼ର ଛୁଙ୍କରେ ଦୁହେଁରେ ଅଲଗା ହୋଇଗଲେ ତୁମେ ଆନନ୍ଦରେ ସମୟ ବିତାଅ ସ୍ମିତି ମୋର ସେ ଆନନ୍ଦ ଖୁସି ମଧୁମୟ ଦିନ ଦରକାର ନାହିଁ।

କାଳୀ କଲମରେ ଲେଖା କବିତାକୁ କାଗଜରେ ଅନୁବାଦ କରିବାର କୌଶଳ ତୁମକୁ ବେଶ ଜଣାଥିଲା। ହେଲେ ସାଧାରଣ ଜୀବନରେ ମୋର ମନର ପାଣ୍ଡୁଲିପିରେ ଯେଉଁ ଆଶାର କବିତା ଲେଖି ଦେଇଥିଲ ତାକୁ ଥରେ ମାତ୍ର କେବେ ହେଲେ ଚେଷ୍ଟା କଲ ନାହିଁ ବାସ୍ତବତାରେ ପରିଣତ କରିବା ପାଇଁ। ମୁଁ ଆଜି ଠିକ୍ ଗୋଟିଏ ଜିଭ କଟା ବୁଲ ବୁଲ ପରି ପ୍ରକାଶହୀନ। ସ୍ରୋତର ପ୍ରତିକୂଳରେ ଯାଇ ସତ୍ୟ ଉଦଘାଟନ କରିବାର କ୍ଷମତା ମୋର ଆଉ ନାହିଁ। ଅନେକ ମନିଷୀ କହିଛନ୍ତି–ପୁରୁଷ ପ୍ରଦୀପ୍ତ ମଶାଲ। ସେ ଆଗ୍ନେୟ ବିଶ୍ୱାସ ଦ୍ୱନ୍ଦ୍ୱମାନେ ଉଲକା ପିଣ୍ଡ। ସେ ଭୟଭୀତ ନୁହେଁ। ହେଲେ ମୁଁ ସେହି ମନିଷୀଙ୍କ କହିବାର ଆଜି ବିପରୀତ ଜଣାପଡୁଛି ମୁଁ ହୋଇପାରିବିନି ସେମିତି କେବେ ଭାବିବନି ସ୍ମିତି, ତୁମକୁ ମୁଁ ଗୋଟିଏ ମନ୍ଦ ଚରିତ୍ରର ବିବେଚନା କରିଛି। ମୁଁ ଜାଣିବାକୁ ଚାହେଁ ମୋର ସ୍ନେହ, ମମତା, ପ୍ରେମ କାହିଁକି ତୁମକୁ ମୋର ବୈବାହିକ ଜୀବନରେ ଖୁସି କରାଇ ପାରିଲା ନାହିଁ। ପୂର୍ବରୁ ଆମେ ବେଶ ସୁନ୍ଦର ବୁଝାମଣାରେ ଦୁହେଁ ଦୁହିଁଙ୍କୁ ବାନ୍ଧି ଦେଉଥିଲେ। ସାମାନ୍ୟତାରେ ତିକ୍ତତାର ସୃଷ୍ଟିର କାରଣ କ'ଣ ? ମନେ ଅଛି ? ତୁମେ ଦିନେ ମୋତେ କହୁଥିଲ ଏତେ ଡେରି କରିଦେଉଛ ଆସିବାକୁ ମୁଁ ବ୍ୟସ୍ତ ହୋଇପଡୁଛି। ଶତ ଚେଷ୍ଟା କଲେ ମଧ ଗୋଟିଏ ଦିନ ତୁମକୁ ଚେଷ୍ଟା କରି ରହିପାରୁନାହିଁ। ଆଜି କଣ ସବୁ ଘଟିଗଲା ? ଆଖିର ଲୁହକୁ ସମସ୍ତେ ଦେଖିବାକୁ ସକ୍ଷମ ନୁହଁନ୍ତି। ମାତ୍ର ହୃଦୟର ନିଭୃତ କୋଠରୀରୁ ଯେଉଁ ଲୁହ ଝରେ ନା ପୋଛି ହୁଏ ନା ଦେଖିହୁଏ।

ତୁମେ କ'ଣ ଥିଲ ସେହି ଗଭୀର ନିଶିର ମିଶରର ଅନିନ୍ଦ୍ୟ ସୁନ୍ଦରୀ ପରୀମାନଙ୍କ ମଧ୍ୟରୁ ଜଣେ। ଯିଏ ସମସ୍ତ ଯୁବମାନଙ୍କୁ ପ୍ରଲୁବ୍ଧ କରି ନିଜ ଆଡକୁ ଆକର୍ଷିତ କରି ସର୍ବପାଶୋରା ସାନ୍ନିଧରେ ବିଭୂଷିତ ହୋଇ ଉଠୁଥିଲା ତାଙ୍କ ମନରେ ବିରହର ବୀଜ ବପନ କରି ସାରା ଜୀବନ ଇତଃସ୍ତ କରି ଦେଉଥିଲା। ନା ମୋର ତ ମନେ ହୁଏ ତୁମେ ସେଦିନ ମୋ ପାଖରେ ସମ୍ପୂର୍ଣ୍ଣ ବାସ୍ତବ ଥିଲ। ଠିକ୍ ସେଦିନ ସବୁ ମନେ ପଡ଼େ ବାସ୍ତବର ସଜଫୁଟା ଫୁଲଟିଏ ହୋଇ କିପରି ସୁନ୍ଦର କୌଶଳରେ ଚିବୁକ ଫାଙ୍କରେ ସ୍ମିତହାସ୍ୟ ମାରୁଥିଲ।

କଲେଜରୁ ଆସି ବସି ଯାଇଛି। ଆଜି ଏହି ଶାନ୍ତ ନିରୋଳା ଅପରାହ୍ନ ବାଧ କରୁଛି ତୁମ ପାଇଁ ଗୋଟିଏ ଚିଉ ନେଇ ମୋ ପାଖକୁ ଭେଟି ଦେବ ବୋଲି। ଏମିତି କେତେ ଅପରାହ୍ନ ବିତିଗଲାଣି। ତାର ହିସାବ କିଏ ରଖୁଛି। ହେଲେ ଆଜି ଅପରାହ୍ନଟିର କି ବିଶେଷତ୍ୱ ରହିଛି କେଜାଣି। ଚିଉଟିର ସମାପ୍ତି ପରେ ମୋତେ ଏତେ ଶାନ୍ତି ଲାଗୁଛି ସତେ ଯେମିତି ଗୋଟିଏ ଆୟୁଧ ମୋତେ ମିଳିଯାଇଛି। କାଲି ମୋର ଜନ୍ମଦିନ ମନେ ପଡ଼େ ତୁମେ ବହୁତ ଖୁସି ଥାଅ। କେତେ କେତେ ମଜ୍ଜା କଥା କି ମୋତେ ଖୁସି କରାଇବା ଚିନ୍ତାକର। କିଛି ଲାଭ ମିଳେ ନାହିଁ। ବାରମ୍ବାର ନଦୀବଢ଼ି ସ୍ତରର ସେହି ଧୂସର ବାଲି ଅତୀତର ସ୍ମୃତିର ସବୁଜ କ୍ଷେତ ଉପରେ ଅଜାଡ଼ି ହୋଇ ଗଲାଣି। ବିସ୍ମୃତିର ନଈବାଲି ତଳେ ସ୍ମୃତିର ସେ କ୍ଷେତ ସବୁଜ ଅଛି କି ନାହିଁ ଜାଣିବା ପାଇଁ ଚେଷ୍ଟା କଲେ କଷ୍ଟ ଲାଗୁଛି।

ଦୁନିଆଁରେ କିଛି ନାହିଁ। ସମୟ ତାର ଗଡ଼ି ଚାଲିଛି। ସେ ତ କେବେ ଚୁପ୍ ହୋଇ ରହିପାରେ ନାହିଁ। ସବୁ ସାଂସାରିକ ଆନନ୍ଦ, ଅନୁଭବ ଲୋପ ପାଇଯାଏ ଯେତେବେଳେ ମନେ ପଡିଯାଏ ଅନ୍ଧାରୁଆ ମୃତ୍ୟୁର କଥା। ସେଇ ଅଜଣା ଶୋକ ଗଭୀର ଦୁଃଖ ଦାୟକ। ସଂସାରରେ ସମ୍ପର୍କ ସବୁ ପାଳଭୂତ ପରି। ସେ ସବୁ ସତ୍ୟ ନୁହେଁ। ସବୁ ଗୋଟିଏ ଗୋଟିଏ ମୁଖା ସଦୃଶ। ଦିନ କଟିଯିବ। ସବୁ କିଛି ଧୀରେ ଧୀରେ ମଉଳିଯିବ। ମୁଣ୍ଡ ବାଳ କ୍ରମେ ପାଚିଯିବ। ଆଖି କାନ ଦନ୍ତଡା ହୋଇଯିବ। ଘନକୃଷ୍ଣ ସଭିଙ୍କୁ ଅଜଣା। ଚୁପଚାପ୍ ଛାତି ତଳେ ସେହି ଅନୁଭବ ରହିଥିବ। ଏହା ହିଁ ମୃତ୍ୟୁର ଅନୁଭବ। ମର୍ତ୍ତ୍ୟରେ ଜନ୍ମ ନେଇ ସମସ୍ତ ମନୁଷ୍ୟକୁ ଏ ଅନୁଭବର ଶିକାର ହେବାକୁ ପଡ଼ିଥାଏ। ଶ୍ମଶାନରେ କେବଳ ଏ ଅନୁଭବର ଶେଷ ହୋଇଥାଏ। ସର୍ବକୁଶଳରେ ଥିବ।

ରହିଲି (ରାକେଶ)

***ଭୁବନେଶ୍ୱର, ଖୋର୍ଦ୍ଧା***







# ପିଜ୍ଜାପ୍ରିୟଙ୍କ ପାଇଁ...

**ପିଜା ଅନେକଙ୍କର ପସନ୍ଦ। କେହି କେହି ତ ଏହା ପାଇଁ ପାଗଳପ୍ରାୟ ହୋଇଥାନ୍ତି। ଦିନରେ ରାତିରେ ସବୁ ସମୟରେ ପିଜା ଖାଇବାକୁ ପସନ୍ଦ କରନ୍ତି। ପିଜାର ଚିତ୍ର ଦେଖିଦେଲେ ବି ସେମାନଙ୍କ ପାଟିରୁ ଲାଳ ଗଡ଼ିଯାଏ। ଖାସ୍ ଏହିଭଳି ପିଜ୍ଜାପ୍ରିୟ ମଣିଷଙ୍କ ପାଇଁ ଅଛି ଏମିତି କିଛି ପିଜ୍ଜା ଥିମ୍ ଜିନିଷ, ଯାହାକୁ ସେମାନେ ଦୈନନ୍ଦିନ ଜୀବନରେ ବ୍ୟବହାର କରି ପିଜ୍ଜାକୁ ସବୁବେଳେ ପାଖରେ ଥିବାର ଅନୁଭବ କରିପାରିବେ...।**



**ପିଜା ଗାଉନ:** ନର୍ଥ କାରୋଲିନାର କଷ୍ଟ୍ୟୁମ୍ ଡିଜାଇନର୍ ଓଲିଭିଆ ମିୟର୍ସ ତିଆରି କରିଛନ୍ତି ଏହି ଗାଉନ୍‌କୁ। ଗାଉନ୍‌ଟି ଦେଖିବାକୁ ଭାରି ସୁନ୍ଦର। ପିଜ୍ଜାର ନାନା ପ୍ରକାରର ଟ୍ରପିଂସ୍ ଏଥିରେ ଦେଖିବାକୁ ମିଳେ। ତେଣୁ ତାକୁ ଖାଇଯିବାକୁ ବି ଇଛା ହେବ। ଗାଉନ୍ ତଳଭାଗର ଓସାର ଏକ ଡବଲ ବେଡ୍‌ର ଓସାର ପରି। ଓଲିଭିଆ ଏହାକୁ ବିଛାଇ ଆରାମରେ ଶୋଇଥିବା ଏକ ଫଟୋରେ ଦେଖିବାକୁ ମିଳେ। ସେ ଏହାକୁ ଡୋମିନୋସ୍ ପିସ୍ ଅଫ୍ ଦ ପାଇ କଣ୍ଟେଷ୍ଟ ଲାଗି ତିଆରି କରିଥିଲେ।

**ଫ୍ଲୋଟିଂ ବେଡ୍:** ସୁଇମିଂ ପୁଲ୍‌ରେ ରିଲାକ୍ସ ହୋଇ କିଛି ସମୟ ବିତାଇବା ଲାଗି ଅନେକେ ଫ୍ଲୋଟିଂ ବେଡ୍‌ରେ ବିଶ୍ରାମ ନିଅନ୍ତି। ତା'ସହ ନିଜ ମନପସନ୍ଦର ଡ୍ରିଙ୍କ୍ ବି ପିଅନ୍ତି। ତେବେ ଯଦି ଏହି ଫ୍ଲୋଟିଂ ବେଡ୍ କିଛି ଖାସ୍ ହୋଇଥାଏ ତା'ହେଲେ ମଜା ଆହୁରି ବଢ଼ିଯାଏ। ଖାସ୍ ପିଜା ଲଭର୍‌ଙ୍କ ପାଇଁ ତିଆରି ହୋଇଛି ପିଜା ସ୍ଲାଇସ୍ ପରି ଫ୍ଲୋଟିଂ ବେଡ୍। ସୁଇମିଂ ପୁଲ୍‌ରେ ଏହା ଉପରେ ବିଶ୍ରାମ ନେବାବେଳେ ପିଜ୍ଜାପ୍ରେମୀଙ୍କୁ କେମିତି ଅନୁଭବ ହେବ ତାହା କେବଳ ସେଇମାନେ ହିଁ କହିପାରିବେ।



**ସୁଜ୍:** ଦେଖିବାକୁ ଭାରି କ୍ୟୁଟ୍ ଲାଗେ ପିଜା ଥିମ୍‌ର ଏହି ସୁଜ୍। ଛୋଟ ପିଲାଙ୍କଠୁ ଆରମ୍ଭକରି ବଡ଼ମାନଙ୍କୁ ବି ଏହା ବହୁତ ପସନ୍ଦ ଆସିବ। ପାଦକୁ ବି ଏହା ବେଶ୍ ଆରାମଦାୟକ। ଏହାକୁ ଘରେ ପିନ୍ଧିବାକୁ ଭଲ ଲାଗିବ।

**ସକ୍ସ:** ଏହା ଦେଖିବାକୁ ପେପରୋନି ପିଜ୍ଜା ପରି। ହେଲେ ପାଦ ପାଇଁ ବେଶ୍ ଆରାମଦାୟକ। ପିଜା ଲଭର୍‌ଙ୍କୁ ଏହା ଭଲ ଲାଗିପାରେ। ହେଲେ ସାଧାରଣ ଲୋକ ହୁଏତ ପିନ୍ଧିବେ ନାହିଁ ।





**ହ୍ୟାଟ୍:** ଏହି ହ୍ୟାଟ୍ ବି ଭାରି କ୍ୟୁଟ୍। ରୋଷେଇ କଲାବେଳେ ଏହାକୁ ପିନ୍ଧିପାରିବେ। ଆଉ ଯଦି ପିଜ୍ଜା ପ୍ରସ୍ତୁତ କରୁଛନ୍ତି, ତେବେ ତ ଏହାକୁ ପିନ୍ଧି କଲେ ପିଜ୍ଜା କରିବା ମଜାଦାର ହେଇଯିବ। ତା'ସହ ଏହି ହ୍ୟାଟ୍ ପିନ୍ଧି ସୁନ୍ଦର ସେଲ୍‌ଫି ବି ନେଇପାରିବେ।

**ବେଡ୍‌ଶିଟ୍:** ବେଡ୍‌ରେ ପିଜ୍ଜା ଥିମ୍‌ର ଏହି ବେଡ୍‌ଶିଟ୍ ପକାଇ ଶୋଇଲେ ପିଜ୍ଜା ଲଭର୍‌ଙ୍କୁ ନିଶ୍ଚିତଭାବେ ଭଲ ନିଦ ହେବ। ଆଉ ପିଜ୍ଜାର ସ୍ୱପ୍ନ ବି ଦେଖିବେ।

**ସ୍ଲିପିଂ ବ୍ୟାଗ୍:** ଦେଖିବାକୁ ଏହା ପିଜ୍ଜାର ଏକ ବଡ଼ ସ୍ଲାଇସ୍ ଭଳି ଲାଗିବ। ହେଲେ ପ୍ରକୃତରେ ଏହା ଏକ ସ୍ଲିପିଂ ବ୍ୟାଗ୍। ତେଣୁ ଏବେ ବୋରିଂ ସ୍ଲିପିଂ ବ୍ୟାଗ୍‌କୁ ଛାଡ଼ି ଚିଜ୍, ଟମାଟୋ, ଛତୁ ପରି ନାନା ପ୍ରକାରର ସ୍ୱାଦିଷ୍ଟ ଟପିଂସ୍ ଥିବା ଏହି ସ୍କିପିଂ ବ୍ୟାଗ୍ ଆପଣେଇ ପାରିବେ।

**ପାୱାର ବ୍ୟାଙ୍କ:** ସ୍ମାର୍ଟଫୋନ୍, ସ୍ମାର୍ଟ ୱାଚ୍ ଆଦିକୁ ଚାର୍ଜ କରିବା ପାଇଁ ପାୱାର ବ୍ୟାଙ୍କ ବ୍ୟବହାର କରାଯାଏ। ତେବେ ଏହା ଯଦି ଟିକେ ଫଙ୍କି ହୋଇଥାଏ, ଏହାକୁ ବ୍ୟବହାର କରିବାକୁ ଭଲ ଲାଗେ। ଯେମିତିକି ପିଜ୍ଜା ଥିମ୍‌ର ଏହି ପାୱାର ବ୍ୟାଙ୍କ। ତେବେ ଏହା ଏତେ ବାସ୍ତବ ଲାଗେ ଯେ, ଏହାକୁ କେହି ବି ପିଜା ସ୍ଲାଇସ୍ ଭାବି ପାଟିରେ ପୂରାଇ ପାରନ୍ତି। ତେଣୁ ସେଥିପ୍ରତି ଧ୍ୟାନ ଦେବା ଜରୁରୀ।



## ସନ୍‌ସ୍କ୍ରିନ୍ ଭଳି କାମ କରେ ଅଙ୍ଗୁର

ତ୍ୱଚାକୁ କ୍ଷତିଗ୍ରସ୍ତ ହେବାରୁ ରକ୍ଷା କରେ ଅଙ୍ଗୁର। ଆମେରିକାର ଅଲବାମା ବିଶ୍ୱବିଦ୍ୟାଳୟର ଗବେଷକମାନେ ଅଧ୍ୟୟନରେ ଏହା ଦାବି କରିଛନ୍ତି। ଗବେଷଣା ଅନୁସାରେ, ସୂର୍ଯ୍ୟଙ୍କ ହାନିକାରକ ଅତି ବାଇଗଣି ରଶ୍ମି ଯୋଗୁଁ ତ୍ୱଚାକୁ ପହଞ୍ଚୁଥିବା କ୍ଷତି ଓ ସନବର୍ଣ୍ଣରୁ ଯଦି ରକ୍ଷା ପାଇବାକୁ ଚାହୁଁଛନ୍ତି, ତେବେ ଅଙ୍ଗୁର ଖାଆନ୍ତୁ। ଏଥିରେ ଥିବା ପଲିଫିନଲ ତ୍ୱଚାରକୁ କ୍ଷତି ପହଞ୍ଚାଇବାରୁ ରକ୍ଷା କରେ। ଉକ୍ତ ବିଶ୍ୱ ବିଦ୍ୟାଳୟର ଗବେଷକ କ୍ରେଗ ଏଲିମେଟସ କହନ୍ତି, ଅଙ୍ଗୁରକୁ ଖାଦ୍ୟ ତାଲିକାରେ ସାମିଲ କରିବା ଉଚିତ। ଏହା ସନ୍‌ସ୍କ୍ରିନ୍ ଭଳି କାମ କରେ। ତ୍ୱଚାକୁ କ୍ଷତି ହେବାରୁ ଏହା ରକ୍ଷା କରିପାରେ। ଅତି ବାଇଗଣି ରଶ୍ମିକୁ ସହ୍ୟ କରିବା ପାଇଁ ଏହା ତ୍ୱଚାର କ୍ଷମତା ବଢ଼ାଇଥାଏ। ଫଳରେ କୋଷିକାଗୁଡ଼ିକୁ କ୍ଷତି ପହଞ୍ଚି ନଥାଏ। ଅଙ୍ଗୁର ତ୍ୱଚା ପାଇଁ କେତେ ପ୍ରଭାବଶାଳୀ, ଏହାକୁ ବୁଝିବା ପାଇଁ ବୈଜ୍ଞାନିକମାନେ ୧୪ ଦିନ ପର୍ଯ୍ୟନ୍ତ ଏହାର ପ୍ରଭାବ ଉପରେ ଲକ୍ଷ୍ୟ କଲେ। ଅଧ୍ୟୟନରେ ସାମିଲ ଲୋକଙ୍କୁ ଦୁଇ ଭାଗରେ ବିଭକ୍ତ କରାଗଲା। ପ୍ରଥମ ଦଳର ଲୋକେ ଅଙ୍ଗୁର ଖାଇଲେ ନାହିଁ। ଅନ୍ୟ ପକ୍ଷେ, ୨ୟ ଦଳର ଲୋକେ ଅଙ୍ଗୁର ଖାଇଲେ। ଉଭୟ ଦଳର ଲୋକଙ୍କ ଉପରେ ୧୪ ଦିନ ଧରି ଅତି ବାଇଗଣି ରଶ୍ମିର ପ୍ରଭାବକୁ ସେମାନେ ପରୀକ୍ଷା କଲେ। ଅଧ୍ୟୟନକୁ ବୁଝିବା ପାଇଁ ଗବେଷକମାନେ ତ୍ୱଚାର ଅଂଶ ନେଇ ତା'ର ଯାଞ୍ଚ କରିଥିଲେ।

# ରହସ୍ୟମୟ ଜଙ୍ଗଲ







**ପୃଥିବୀରେ ଜଙ୍ଗଲ ତ ଅନେକ ରହିଛି, କିନ୍ତୁ ଏମିତି ବି କିଛି ଜଙ୍ଗଲ ଅଛି ଯାହାର ଅଜବ ରୂପରେଖ ଲୋକଙ୍କ ମନରେ ଭୟ ସୃଷ୍ଟି କରାଇବା ସହ ଉକ୍ତ ଜଙ୍ଗଲଗୁଡ଼ିକୁ ଗୋଟିଏ ଗୋଟିଏ ରହସ୍ୟମୟ ଜଙ୍ଗଲର ପରିଚିତ ଦେଇଛି। ସେମିତି କିଛି ଭୟଙ୍କର ତଥା ରହସ୍ୟମୟ ଜଙ୍ଗଲ ସମ୍ପର୍କରେ...**





*** ହୋୟା ବସ୍ୟୁ:** ରୋମାନିଆରେ ଥିବା ଏହି ଜଙ୍ଗଲ ହେଉଛି ଦୁନିଆର ସବୁଠାରୁ ରହସ୍ୟମୟ ତଥା ଭୟଙ୍କର ଜଙ୍ଗଲ। ଏହି ଜଙ୍ଗଲରେ ଥିବା ଗଛଗୁଡ଼ିକ ମୋଡ଼ି ମୋଡ଼ି ହୋଇ ରହିବା ସହ ସେଗୁଡ଼ିକର ଆକାର ଦେଖିବାକୁ ବେଶ୍ ଅଜବ ଲାଗିଥାଏ। ତା'ଛଡ଼ା ରାତି ହେବା ମାତ୍ରେ ଏହି ଜଙ୍ଗଲ ମଧ୍ୟରୁ ଅଜବ ଅଜବ ଶବ୍ଦ ଓ କାନ୍ଦିବା ସ୍ୱର ଶୁଣିବାକୁ ମିଳିଥାଏ ବୋଲି ସ୍ଥାନୀୟ ଲୋକେ ମତ ଦେଇଥାନ୍ତି। ତେବେ ଏହି ଜଙ୍ଗଲ ମଧ୍ୟରେ ଏଲିଏନ୍ ରହୁଥିବା ଅନେକେ ବିଶ୍ୱାସ କରିଥାନ୍ତି। କାରଣ ୧୮୬୮ ମସିହାରେ ଏହି ଜଙ୍ଗଲ ମଧ୍ୟରେ ଏକ ଚମତ୍କାର ଜିନିଷ ଆକାଶମାର୍ଗରୁ ଓହ୍ଲାଇଥିଲା ବୋଲି ସୂଚନା ରହିଛି। ତେଣୁ ଜଙ୍ଗଲ ମଧ୍ୟକୁ ଗଲେ ମରିବା ସୁନିଶ୍ଚିତ ଭାବି କେହି ଡରରେ ଏଠାକୁ ଯାଇ ନ ଥାନ୍ତି ।

*** ବ୍ଲାକ୍ ଫରେଷ୍ଟ:** ଏହି ଜଙ୍ଗଲଟି ଜର୍ମାନୀରେ ଅଛି। ୧୬୦ କି.ମି. ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢ଼ି ଉଠିଥିବା ଉକ୍ତ ଜଙ୍ଗଲରେ ଭରି ରହିଛି ବହୁ ଉଚ୍ଚ ଉଚ୍ଚ ଝଙ୍କାଳିଆ ଗଛ ; ଯେଉଁଥିପାଇଁ ଏହି ଜଙ୍ଗଲ ମଧ୍ୟକୁ ସୂର୍ଯ୍ୟଙ୍କ କିରଣ ଆଦୌ ପଡ଼ି ପାରେନାହିଁ। ଫଳରେ ଦିନରେ ବି ଜଙ୍ଗଲ ମଧ୍ୟକୁ ଗଲେ ଚାରିଆଡ଼ ଅନ୍ଧାରୁଆ ଦେଖାଯାଏ ଆଉ ଭାରି ଡର ଲାଗେ। ସେଥିପାଇଁ ଏହାକୁ ବ୍ଲାକ୍ ଫରେଷ୍ଟ ବା କଳା ଜଙ୍ଗଲ ବୋଲି କୁହାଯାଇଥାଏ। ତା'ଛଡ଼ା ଏହି ଜଙ୍ଗଲରେ ଭୂତ, ପ୍ରେତ ରହୁଥିବା ସ୍ଥାନୀୟ ଲୋକଙ୍କର ଧାରଣା ମଧ୍ୟ ରହିଛି।

*** କ୍ରୁକେଡ୍ ଜଙ୍ଗଲ:** ପୋଲାଣ୍ଡରେ ଥିବା ଏହି ଜଙ୍ଗଲରେ ଯେତେକ ଗଛ ରହିଛି, ସବୁ ଗଛର ମୂଳରୁ କିଛି ଅଂଶ ସମାନ ଆକାରରେ ମୋଡ଼ି ହୋଇ ରହିଥିବା ଦେଖିବାକୁ ମିଳିଥାଏ। ଏହା ହେଉଛି ଉକ୍ତ ଜଙ୍ଗଲର ଏକ ବିଶେଷତ୍ୱ, ଯାହା ଫଳରେ ପ୍ରକୃତ କାରଣ କ'ଣ ରହିଛି ତାହାର ରହସ୍ୟ ଆଜିଯାଏ କେହି ଭେଦ କରିପାରି ନାହାନ୍ତି। ଏହା ଏକ ଘଞ୍ଚ ଜଙ୍ଗଲ, ଯାହା ମଧ୍ୟରେ କେହି ଏକାକୀ ବୁଲିବା ସେତେ ସହଜ କଥା ନୁହେଁ। ସୂଚନାନୁଯାୟୀ, ଏହି ଜଙ୍ଗଲରେ ୧୯୩୦ ମସିହାରୁ ପାଇନ୍ ଗଛ ଲଗାଇବା ଆରମ୍ଭ କରାଯାଇଥିଲା। ପ୍ରାକୃତିକ ଉପାୟରେ ମୋଡ଼ି ହୋଇ ରହୁଥିବା ଗଛ ପାଇବା ପାଇଁ ଏଠାରେ ଏହି ଗଛ ଲଗାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା ବୋଲି ସ୍ଥାନୀୟ ଲୋକେ ବିଶ୍ୱାସ କରିଥାନ୍ତି।

*** ଗୋବଲିନ୍ ଜଙ୍ଗଲ:** ନ୍ୟୁଜିଲାଣ୍ଡସ୍ଥିତ ଏହି ଜଙ୍ଗଲରେ ବର୍ଷର ଅଧିକାଂଶ ସମୟ ବର୍ଷା ହୋଇଥାଏ। ଫଳରେ ଏଠାକାର ଜଙ୍ଗଲ ବର୍ଷସାରା ଚିରହରିତ୍ ଦେଖାଯାଇଥାଏ। ସେହିପରି ଜଙ୍ଗଲ ସାରା ଲଟାପତ୍ର ମାଡ଼ି ଯାଇଥିବାରୁ ଏହା ଘଞ୍ଚ ଦେଖାଯିବା ସହ ଦେଖିବାକୁ ଡର ମଧ୍ୟ ଲାଗେ। ତା'ଛଡ଼ା ଜଙ୍ଗଲ ମଧ୍ୟରେ ସବୁବେଳେ ପାଣି ଜମି ରହୁଥିବାରୁ ଏଠାରେ ଶିଉଳି ମଧ୍ୟ ପ୍ରଚୁର ହୁଏ। ତେଣୁ ଉକ୍ତ ଜଙ୍ଗଲକୁ ଯିବା ସମୟରେ ଟିକେ ସଚେତନ ନ ରହିଲେ ଗୋଡ଼ ଖସି ପଡ଼ିଯିବାର ଯଥେଷ୍ଟ ସମ୍ଭାବନା ରହିଥାଏ।

*** ରାଟା ଜଙ୍ଗଲ:** କଙ୍ଗଲ ଏହି ଜଙ୍ଗଲଟି ମଧ୍ୟ ନ୍ୟୁଜିଲାଣ୍ଡରେ ରହିଛି। ଉକ୍ତ ଜଙ୍ଗଲରେ ଥିବା ସମସ୍ତ ଗଛଗୁଡ଼ିକର ମୂଳ, ଡାଳପତ୍ରଗୁଡ଼ିକ ମୋଡ଼ି ମୋଡ଼ି ଦେଖାଯିବା ସହ ସର୍ବଦା ଶୁଖିଗଲା ଭଳି ଦେଖାଯାଇଥାଏ, ଯାହା କି ଉକ୍ତ ଜଙ୍ଗଲର ଏକ ରହସ୍ୟମୟ କଥା। ତେବେ ଏହି ଜଙ୍ଗଲ ମଧ୍ୟ ଦେଇ ହାଇକିଂ ପାଇଁ ଅନେକ ରାସ୍ତାର ସୁବିଧା ରହିଛି।

*** ଓକିଗହରୋ ଜଙ୍ଗଲ :** ଜାପାନର ମାଉଣ୍ଟ ଫୁଜିର ପାଦଦେଶରେ ଥିବା ଏହି ଜଙ୍ଗଲଟି ଦେଖିବାକୁ ଏତେ ଘଞ୍ଚ ଯେ, ଟିକେ ଅସାବଧାନତା ହେଲେ ଯେ କେହି ଏହି ଜଙ୍ଗଲରେ ହଜିଯିବା ସ୍ୱାଭାବିକ। ତା'ଛଡ଼ା ଏହି ଜଙ୍ଗଲରେ ବହୁ ପରିମାଣରେ ଗଛ ଭରି ରହିଥିବାରୁ, ଏହାକୁ ସି ଅଫ୍ ଟ୍ରିଜ୍ ବା ଗଛର ସମୁଦ୍ର ବୋଲି ମଧ୍ୟ କୁହାଯାଇଥାଏ।





*** ହୋଲେର୍‌ବୋସ୍ ଜଙ୍ଗଲ:** ବେଲ୍‌ଜିୟମ୍‌ରେ ଥିବା ଏହି ଜଙ୍ଗଲରେ ପ୍ରତିବର୍ଷ ବସନ୍ତ ଋତୁ ଆସିଲେ ଆପେ ଆପେ ବାଇଗଣୀ ତଥା ନୀଳ ରଙ୍ଗର ଫୁଲ ଫୁଟି ଜଙ୍ଗଲ ପୃଷ୍ଠକୁ ଫୁଲର ଚାଦରରେ ସଜାଇଦିଏ, ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ। ତେବେ ଘଞ୍ଚ ଜଙ୍ଗଲ ହୋଇଥିବାରୁ ଅନ୍ୟଦିନେ ଏଠାକୁ ଯିବା ପାଇଁ ସାହସ କରୁ ନ ଥିବା ଲୋକେ ଖାସ୍ ଏହି ଫୁଲର ଶୋଭାକୁ ଦେଖିବାକୁ ବସନ୍ତ ଋତୁରେ ଏଠାରେ ଭିଡ଼ ଜମାଇଥାନ୍ତି।

*** ସିଙ୍ଗି ଜଙ୍ଗଲ:** ମାଡାଗାସ୍କାରରେ ଥିବା ଏହି ଜଙ୍ଗଲରେ ଗୋଜିଆ ଗୋଜିଆ ମୁହଁ ଆକାରର ଚୂନପଥରର ଅନେକ ଚଟାଣ ଦେଖିବାକୁ ମିଳିଥାଏ। ପ୍ରାୟ ୭୦ ମିଟର ଉଚ୍ଚତା ବିଶିଷ୍ଟ ଏହି ଚଟାଣଗୁଡ଼ିକ ଉକ୍ତ ଜଙ୍ଗଲକୁ ଏକ ଭିନ୍ନ ଆକର୍ଷଣ ଦେଇଥାଏ। ଉଚ୍ଚ ଉଚ୍ଚ ଗଛ ସାଙ୍ଗକୁ ଚୂନପଥରର ଏହି ଚଟାଣଗୁଡ଼ିକ ଉକ୍ତ ଜଙ୍ଗଲକୁ ଏକ ଭିନ୍ନ ରୂପ ଦେବା ସହ ଲୋକଙ୍କ ମନରେ ଭୟ ମଧ୍ୟ ସୃଷ୍ଟି କରାଇଥାଏ।

## କାନ ଯନ୍ତ୍ରଣାର ଘରୋଇ ଉପଚାର

ବୟସ ବୃଦ୍ଧି ହେବା ସହିତ ଆମ ଶରୀରରେ ଅନେକ ପ୍ରକାରର ଯନ୍ତ୍ରଣା ଦେଖାଦେଇଥାଏ। କିନ୍ତୁ କାନ ଯନ୍ତ୍ରଣା କୌଣସି ସମୟରେ ହୋଇପାରେ। ଥଣ୍ଡା ସମୟରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବଡ଼ ଯାଏଁ ସମସ୍ତଙ୍କ କନରେ ବିନ୍ଧା ହୋଇଥାଏ। ଘରୋଇ ଉପାୟରେ କେମିତି କାନ ଯନ୍ତ୍ରଣା ଦୂର କରିହେବ ଆସନ୍ତୁ ଜାଣିବା।

➲ ଡାକ୍ତରଙ୍କ ମତରେ କାନରେ ବ୍ରେଡ୍ ଗୁଣ୍ଡ ପକାଇବା ଦ୍ୱାରା କାନ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ସୋରିଷ ତେଲକୁ ଅଳ୍ପ ଉଷୁମ କରି କାନରେ ପକାଇଲେ କାନ ଯନ୍ତ୍ରଣା ହ୍ରାସ ପାଇଥାଏ। ଏକ ଗାମୁଛା କପଡ଼ାକୁ ଗରମ ପାଣିରେ ବୁଡାଇ କାନର ଯେଉଁ ପାର୍ଶ୍ୱରେ ଯନ୍ତ୍ରଣା ହେଉଛି ସେଠାରେ ଲଗାନ୍ତୁ, ଆପଣଙ୍କଚ ଆରାମ ମିଳିବ। ତୁଳସୀ ପତ୍ରରୁ ରସ ବାହାର କରି କାନରେ ପକେଇବା ଦ୍ୱାରା ଯନ୍ତ୍ରଣା କମ୍ ହୋଇଥାଏ।

➲ ଭିଟାମିନ୍ ସି' ଖାଦ୍ୟ ଅଧିକ ପରିମାଣରେ ଖାଆନ୍ତୁ। ଏଥିରେ ଲେମ୍ବୁ, ଅଁଳା ଓ ଅମୃତଭଣ୍ଡାକୁ ମଧ୍ୟ ସାମିଲ କରନ୍ତୁ। ରସୁଣକୁ ଗୁଣ୍ଡ କରି ସେଥିରେ ଅଳ୍ପ ଲୁଣ ମିଶାଇ କାନରେ ତୁଳା ଦ୍ୱାରା ପକେଇଲେ ଯନ୍ତ୍ରଣା କମ୍ ହୋଇଥାଏ। ପିଆଜ ରସ କାନରେ ପକେଇବା ଦ୍ୱାରା ଯନ୍ତ୍ରଣା କମ୍ ହୋଇଥାଏ। ଯଦି ଆପଣଙ୍କର ସମସ୍ୟା ଅଧିକ ହୋଇଥାଏ, ତାହା ହେଲେ ଡାକ୍ତରଙ୍କ ପାଖରୁ ପରାମର୍ଶ ନିଅନ୍ତୁ।



# ଗଙ୍ଗୋତ୍ରୀ ଜାତୀୟ ଉଦ୍ୟାନ












**ଉତ୍ତରାଖଣ୍ଡର ଉତ୍ତରକାଶି ଜିଲ୍ଲାରେ ଥିବା ଗଙ୍ଗୋତ୍ରୀ ଜାତୀୟ ଉଦ୍ୟାନ ହେଉଛି ସ୍ଥାନୀୟ ଏକ ବନ୍ୟପ୍ରାଣୀ ଅଭୟାରଣ୍ୟ। ପ୍ରାୟ ୨୩୯୦ ବର୍ଗ କି.ମି ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢ଼ି ଉଠିଥିବା ଏହି ଅଭୟାରଣ୍ୟରେ ପର୍ଯ୍ୟଟକ ବିଭିନ୍ନ ପ୍ରଜାତିର ପଶୁପକ୍ଷୀଙ୍କୁ ଦେଖିବା ସହିତ ଟ୍ରେକିଂ ଓ ଜଙ୍ଗଲ ସଫାରୀର ମଜା ମଧ୍ୟ ନେଇପାରିବେ...**

ଗଙ୍ଗୋତ୍ରୀ ଜାତୀୟ ଉଦ୍ୟାନ ହେଉଛି ଉତ୍ତରାଖଣ୍ଡସ୍ଥିତ ଏକ ବନ୍ୟପ୍ରାଣୀ ଅଭୟାରଣ୍ୟ। ୧୯୮୯ ମସିହାରେ ଗଢ଼ି ଉଠିଥିବା ଏହି ଅଭୟାରଣ୍ୟରେ ପର୍ଯ୍ୟଟକ ନାନା କିସମର ବୃକ୍ଷଲତା ସହ ବହୁ ବିରଳ ପଶୁପକ୍ଷୀଙ୍କୁ ଦେଖିପାରିବେ। ପାହାଡ଼, ପର୍ବତ ଘେରା ଏହି ସ୍ଥାନରେ ଟ୍ରେକିଂ କରି ନିଜର ଏହି ଯାତ୍ରାକୁ ଅଧିକ ରୋମାଞ୍ଚକର ମଧ୍ୟ କରିପାରିବେ। ବନ୍ୟ ଜୀବଜନ୍ତୁଙ୍କୁ ଦେଖିବା ସାଙ୍ଗକୁ ପାର୍କର ସୌନ୍ଦର୍ଯ୍ୟକୁ ଉପଭୋଗ କରି ଖୁବ୍ ସୁନ୍ଦର ସୁନ୍ଦର ଫଟୋ ବି ଉଠାଇପାରିବେ। ସାଙ୍ଗସାଥୀ ହେଉ ଅବା ପରିବାର ଲୋକଙ୍କ ସଙ୍ଗେ ନିରୋଳାରେ ଛୁଟି କଟାଇବା ପାଇଁ ଏହା ଏକ ପରଫେକ୍ଟ ଡେଷ୍ଟିନେଶନ କହିଲେ ଭୁଲ୍ ହେବନାହିଁ।

### କ'ଣ ଦେଖିବେ

ଗଙ୍ଗୋତ୍ରୀ ଜାତୀୟ ଉଦ୍ୟାନରେ ମୁଖ୍ୟତଃ ସ୍ନୋ ଲିଓପାର୍ଡ ଦେଖାଯାଇଥାନ୍ତି। ତା'ସହିତ କଳା ରଙ୍ଗର ଭାଲୁ, ମାଟିଆ ରଙ୍ଗର ଭାଲୁ, କସ୍ତୁରୀ ମୃଗ, ବ୍ଲୁ ଶିପ୍, ହିମାଳୟାନ୍ ତହର୍ ଆଦି ପଶୁ ବି ଏଠାରେ ଦେଖିବାକୁ ମିଳିଥାନ୍ତି। ଏହାଛଡ଼ା ପ୍ରାୟ ୧୫ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୧୫୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ବି ଏଠାରେ ରହୁଥିବା ସୂଚନା ରହିଛି। ଅନ୍ୟପକ୍ଷେ ଏହି ଅଭୟାରଣ୍ୟରେ ବହୁ ପରିମାଣରେ ବନସ୍ପତି ବୃକ୍ଷ ବି ଥିବାର ଦେଖିବାକୁ ମିଳେ। ମୁଖ୍ୟତଃ ଦେବଦାରୁ, ଓକ୍, ସ୍ପ୍ରୁସ୍ ନାମକ ଗଛ ଏଠାରେ ଟିକେ ଅଧିକ ପରିମାଣରେ ଦେଖାଯାଇଥାଏ। କହିବାକୁ ଗଲେ ପ୍ରକୃତିପ୍ରେମୀଙ୍କ ପାଇଁ ଏହି ସ୍ଥାନଟି କୌଣସି ସ୍ୱର୍ଗଠାରୁ କମ୍ ନୁହେଁ।

### ଟ୍ରେକିଂ ଓ ସଫାରିର ମଜା ନିଆରା

ଏହି ଜାତୀୟ ଉଦ୍ୟାନରେ ପର୍ଯ୍ୟଟକ କେବଳ ଟ୍ରେକିଂ କରିବେ ତାହା ନୁହେଁ ଜିପ୍ ସଫାରିର ମଧ୍ୟ ଭରପୂର ମଜା ନେଇପାରିବେ। ଏଥିସହିତ ଏଠାରେ ପର୍ବତାରୋହଣ, ହ୍ୟାଙ୍ଗ୍ ଗ୍ଲାଇଡିଂ, ପାରାଗ୍ଲାଇଡିଂ ଭଳି ଦୁଃସାହସିକ କ୍ରୀଡ଼ା ପାଇଁ ବି ଭରପୂର ସୁବିଧା ସୁଯୋଗ ରହିଛି। ଖାସ୍ ଏହିସବୁ କାରଣ ପାଇଁ ଦୁଃସାହସିକ କ୍ରୀଡ଼ାରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କର ଏଠାରେ ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ମାର୍ଚ୍ଚରୁ ଜୁଲାଇ ହେଉଛି ଏଠାକୁ ବୁଲିଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ। କାରଣ ଶୀତଦିନେ ଏଠାରେ କୁଆଡ଼େ ଭୀଷଣ ଶୀତ ଅନୁଭୂତ ହୁଏ। ତା'ଛଡ଼ା ପାହାଡ଼ିଆ ଅଞ୍ଚଳରେ ଏହି ଅଭୟାରଣ୍ୟଟି ଥିବାରୁ ବର୍ଷାଦିନେ ଏଠାକୁ ବୁଲିଯିବା ମଧ୍ୟ ବିପଦସଙ୍କୁଳ ହୋଇଥାଏ। ସେହି ଦୃଷ୍ଟିରୁ ଦେଖିଲେ ଖରାଦିନ ହେଉଛି ଏଠାକୁ ବୁଲିଯିବା ପାଇଁ ଭଲ ସମୟ। ଜୁଲାଇ ମାସରେ ବି ଏଠାକାର ପାଗ ପ୍ରାୟତଃ ଶୁଖିଲା ରହୁଥିବାରୁ ଏହି ସମୟରେ ବି ଏଠାକୁ ବୁଲି ଯାଇହେବ। ସେହିପରି ଏଠାକୁ ଯିବାପାଇଁ ନିକଟତମ ବିମାନବନ୍ଦର ଓ ରେଳଷ୍ଟେଶନ ହେଉଛି ଡେରାଡୁନ୍। ପର୍ଯ୍ୟଟକ ଚାହିଁଲେ ଟୁରିଷ୍ଟ ବସ୍ ଯୋଗେ ବି ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଆସିପାରିବେ।

### ଜରୁରୀ ଜାଣିବା କଥା

-ଏହି ଜାତୀୟ ଉଦ୍ୟାନଟି ପର୍ଯ୍ୟଟକଙ୍କ ନିମନ୍ତେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିଥାଏ। ପର୍ଯ୍ୟଟକଙ୍କୁ ଏଣ୍ଟ୍ରି ଟିକେଟ୍ କାଟି ଏହା ମଧ୍ୟକୁ ପ୍ରବେଶ କରିବାକୁ ହୋଇଥାଏ।

-ପର୍ଯ୍ୟଟକ ମୁଖ୍ୟତଃ ଟ୍ରେକିଂ ପ୍ରିୟ ପର୍ଯ୍ୟଟକମାନେ ଏହି ଉଦ୍ୟାନ ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ନିଜ ସାଙ୍ଗରେ ଟ୍ରେକିଂ ଶୁଜ୍, ପର୍ଯ୍ୟାପ୍ତ ପାଣି, ଟୋପି, ଚଷମା ତଥା ଖାଦ୍ୟ ପଦାର୍ଥ ଆଦି ନେଇକି ଯିବା ନିହାତି ଜରୁରୀ।








## ଆନ୍ତରିକତା

ମହାରାଷ୍ଟ୍ରର ପଣ୍ଢରପୁର ସହରରେ ପ୍ରସିଦ୍ଧ ଭଗବାନ ବିଠଲ ଏବଂ ଦେବୀ ରୁକ୍ମିଣୀଙ୍କ ମନ୍ଦିର ଅବସ୍ଥିତ। ଏହି ମନ୍ଦିରକୁ ବିଠୋବା ମନ୍ଦିର କୁହାଯାଇଥାଏ। ଭଗବାନ ବିଠଲଙ୍କ ଏହି ସହରରେ ପୁଣ୍ଡଳିକ ନାମରେ ଜଣେ ଭକ୍ତ ରହୁଥିଲେ। ପୁଣ୍ଡଳିକ ଭଗବାନ ବିଷ୍ଣୁଙ୍କର ଅନନ୍ୟ ଭକ୍ତ ଥିଲେ। ସର୍ବଦା ଶ୍ରୀହରୀଙ୍କ ଦର୍ଶନ ପାଇବାକୁ ଛଟପଟ ହେଉଥାନ୍ତି। ସେଥିପାଇଁ ସେ ସମସ୍ତ ପ୍ରକାର ପୂଜାର୍ଚ୍ଚନା, ଯଜ୍ଞ, ତପ, ଦାନ ଆଦି କରୁଥାନ୍ତି। ପୁଣ୍ଡଳିକଙ୍କ ଭକ୍ତିରେ ପ୍ରସନ୍ନ ହୋଇ ଥରେ ଭଗବାନ ବିଷ୍ଣୁ ଦର୍ଶନ ଦେବା ପାଇଁ ତାଙ୍କ ଘରେ ପହଞ୍ଚିଲେ। ଏହି ସମୟରେ ପୁଣ୍ଡଳିକ ମାତାପିତାଙ୍କ ସେବା କରୁଥିଲେ। ସେ ନିଜ ମାତାପିତାଙ୍କ ସେବାରେ ଏତେ ଲୀନ ହୋଇଯାଇଥିଲେ ଯେ ଭଗବାନ ଘରକୁ ଆସିବା ପରେ ମଧ୍ୟ ସେ ଜାଣିପାରିଲେ ନାହିଁ। ଭଗବାନ ନିଜେ ଆସିଛନ୍ତି ବୋଲି କହିବା ପରେ ପୁଣ୍ଡଳିକ ଭଗବାନଙ୍କ ସ୍ୱାଗତ କରିବେ କ'ଣ ଏକ ଇଟା ରଖିଦେଇ କହିଲେ ଅପେକ୍ଷା କର। କିଏ ଆସିଛି ବୋଲି ଜାଣିବାକୁ ଚେଷ୍ଟା କଲେ ନାହିଁ। ମାତାପିତାଙ୍କ ସେବା କରୁ କରୁ ରାତି ପାହିଗଲା। ନଗରବାସୀ ନିଜ ନିଜ ଦିନଚର୍ଯ୍ୟାରେ ଲାଗିଗଲେ। ସାରା ରାତି ଭକ୍ତକୁ ଦର୍ଶନ ଦେବା ପାଇଁ ଅପେକ୍ଷା କରି କରି ଭଗବାନ ନିଜକୁ ଏକ ମୂର୍ତ୍ତିରେ ପରିବର୍ତ୍ତିତ କରିଦେଲେ। ମାତାପିତାଙ୍କ ସେବାରେ ଶ୍ରୀହରି ଏତେ ପ୍ରସନ୍ନ ହୋଇଗଲେ ଯେ ପୁଣ୍ଡଳିକ ଘରେ ନିବାସ କରିବାକୁ ନିଷ୍ପତ୍ତି ନେଲେ। କୁହାଯାଏ ପଣ୍ଢରପୁରର ବିଠଲ ମନ୍ଦିରରେ ଏହି ମୂର୍ତ୍ତି ବିରାଜମାନ। ଅଧିକାଂଶ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ସହ ରାଧା ବିରାଜମାନ କରିଥିବାବେଳେ ଏହି ମନ୍ଦିରରେ ଶ୍ରୀହରିଙ୍କ ସହ ରୁକ୍ମିଣୀ ବିରାଜମାନ କରିଛନ୍ତି। ତେବେ ଏହି କାହାଣୀର ସାର ହେଲା ମନରେ ଶ୍ରଦ୍ଧା ତଥା ଆନ୍ତରିକତାର ସହ ଭଗବାନଙ୍କୁ ସ୍ମରଣ କଲେ ସେ ନିଶ୍ଚିତ ଭକ୍ତକୁ ଦର୍ଶନ ଦେବେ।

# ଇତିହାସ ରଚିଲେ ଶୁଭମନ ଗିଲ୍

## ଇଂଲଣ୍ଡରେ ଦ୍ୱିଶତ ହାସଲରେ ପ୍ରଥମ ଭାରତୀୟ କ୍ୟାପ୍ଟେନ୍



ବର୍ମିଂହାମ୍: ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ କ୍ୟାପ୍ଟେନ୍ ଶୁଭମନ ଗିଲ୍ ଦ୍ୱିଶତକ ହାସଲ କରି ଏକ ବଡ଼ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ମ୍ୟାଚ୍‌ର ପ୍ରଥମ ଦିନ ୧୧୪ ରନ୍‌ରେ ଅପରାଜିତ ଥିବା ଗିଲ୍ ଦ୍ୱିତୀୟ ଦିନ ୨୬୯ ରନ୍ କରି ଆଉଟ୍ ହୋଇଛନ୍ତି। ଇଂଲଣ୍ଡ ମାଟିରେ କୌଣସି ଭାରତୀୟ ଟେଷ୍ଟ କ୍ୟାପ୍ଟେନ୍ ଦ୍ୱିଶତକ ହାସଲ କରିବା ଏହା ଭରତର ଟେଷ୍ଟ ଇତିହାସରେ ପ୍ରଥମ ଘଟଣା। ଗିଲ୍‌ଙ୍କ ପୂର୍ବରୁ କୌଣସି ଭାରତୀୟ ଟେଷ୍ଟ କ୍ୟାପ୍ଟେନ୍ ଇଂଲଣ୍ଡରେ ଦ୍ୱିଶତକ କରିପାରି ନାହାନ୍ତି। ଏହା ପୂର୍ବରୁ ମହମ୍ମଦ ଆଝାରୁଦ୍ଦିନ୍ ୧୯୯୦ ଇଂଲଣ୍ଡରେ ୧୭୯ ରନ୍‌ର ଇନିଂସ୍ ଖେଳିଥିଲେ। ଏବେ ଗିଲ୍ ତାଙ୍କ ରେକର୍ଡ ଧ୍ୱସ୍ତ କରିବା ସହିତ ଆଗକୁ ବଢ଼ିଛନ୍ତି। ସେହିପରି ଗିଲ୍ ବିଦେଶ ମାଟିରେ ସବୁଠୁ ବଡ଼ ଇନିଂସ୍ ଖେଳିବାରେ ଭାରତୀୟ କ୍ୟାପ୍ଟେନ୍ ହୋଇଛନ୍ତି। ଗିଲ୍‌ଙ୍କ ପୂର୍ବରୁ ବିଦେଶ ମାଟିରେ ଭାରତୀୟ କ୍ୟାପ୍ଟେନ୍ ଭାବେ ସବୁଠୁ ବଡ଼ ଟେଷ୍ଟ ଇନିଂସ୍ ଖେଳିବା ରେକର୍ଡ ବିରାଟ କୋହଲିଙ୍କ ନାମରେ ଥିଲା। କୋହଲି ୨୦୧୬ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ସେଠାରେ ୨୦୦ ରନ୍‌ର ଇନିଂସ୍ ଖେଳିଥିଲେ। ସେତେବେଳେ ସେ ଟିମ୍ ଇଣ୍ଡିଆ କ୍ୟାପ୍ଟେନ୍ ଥିଲେ।

# ହକି ଏସିଆ କପ୍ ଓ ଜୁନିୟର ବିଶ୍ୱକପ୍: ଭାରତରେ ପାକିସ୍ତାନ ହକି ଦଳର ଅଂଶଗ୍ରହଣକୁ ମଞ୍ଜୁରୀ

ନୂଆଦିଲ୍ଲୀ: ବିହାରର ରାଜଗିରରେ ହେବାକୁ ଥିବା ଆଗାମୀ ଏସିଆ କପ୍ ଟୁର୍ଣ୍ଣାମେଣ୍ଟ ଏବଂ ତାମିଲନାଡୁର ମଦୁରାଇରେ ହେବାକୁ ଥିବା ଏଫ୍‌ଆଇଏଚ୍ ପୁରୁଷ ଜୁନିଅର ବିଶ୍ୱକପ୍ ପାଇଁ ଭାରତ ସରକାର ପାକିସ୍ତାନ ହକି ଦଳର ଅଂଶଗ୍ରହଣକୁ ମଞ୍ଜୁରୀ ଦେଇଛନ୍ତି। ସୂଚନା ଅନୁସାରେ ବୈଦେଶିକ ମନ୍ତ୍ରଣାଳୟ ଏବଂ ଗୃହ ମନ୍ତ୍ରଣାଳୟରୁ ଅନୁମତି ମିଳିଛି ଏବଂ ପାକିସ୍ତାନ ହକି ଖେଳାଳିଙ୍କ ଭିସା ପ୍ରକ୍ରିୟା ଆରମ୍ଭ ହୋଇଛି। ଆୟୋଜକ ହକି ଇଣ୍ଡିଆକୁ ଏହା ମଧ୍ୟ ଜଣାଇ ଦିଆଯାଇଛି।

ଏହି ନିଷ୍ପତ୍ତି ଅଲିମ୍ପିକ୍ ଚାର୍ଟରର ନିୟମ ପାଳନ ସହିତ ରାଜନୀତିଠାରୁ କ୍ରୀଡ଼ାକୁ ଦୂରେଇ ରଖିବା ପାଇଁ ଭାରତ ସରକାରଙ୍କ ପ୍ରୟାସର ଏକ ଅଂଶବିଶେଷ। ଯଦି ଭାରତ ଦୁଇଟି ହକି ଇଭେଣ୍ଟ ପାଇଁ ପାକିସ୍ତାନ ଦଳର ଅଂଶଗ୍ରହଣକୁ ଅନୁମତି ଦେଇନଥାନ୍ତା, ତେବେ ଏହା ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଠାରୁ ମଞ୍ଜୁରୀ ପାଇଥାନ୍ତା।

ହକି ଏସିଆ କପ୍ ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ରାଜଗିରରେ ଖେଳାଯିବ। ସେହିପରି ଜୁନିଅର ବିଶ୍ୱକପ୍ (୨୧ ବର୍ଷରୁ କମ୍)ର ୧୪ଶ ସଂସ୍କରଣ ଚେନ୍ନାଇର ମେୟର ରାଧାକୃଷ୍ଣନ୍ ଷ୍ଟାଡିୟମ ଏବଂ ମଦୁରାଇରେ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଥର ପାଇଁ ୨୪ଟି ଦଳ ଅଂଶଗ୍ରହଣ କରିବେ। ଖେଳ ମନ୍ତ୍ରଣାଳୟର ଜଣେ ଅଧିକାରୀ ନ୍ୟୁଜ୍ ଏଜେନ୍ସି ପିଟିଆଇକୁ କହିଛନ୍ତି, ଆମେ ଦ୍ୱିପାକ୍ଷିକ ସିରିଜ୍‌କୁ ବିରୋଧ କରୁଛୁ। କିନ୍ତୁ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ପାଇଁ ଆମେ କୌଣସି ଦଳକୁ ଭାରତ ଆସିବାକୁ ରୋକିପାରିବୁ ନାହିଁ। ଭାରତ ଓ ପାକିସ୍ତାନ କ୍ରିକେଟ୍ ଦଳ ମଧ୍ୟରେ ଏସିଆ କପ୍ ମ୍ୟାଚ୍ ସମ୍ପର୍କରେ ଅଧିକାରୀ ଜଣକ କହିଛନ୍ତି ବିସିସିଆଇ ବର୍ତ୍ତମାନ ସୁଦ୍ଧା ଏ ସମ୍ପର୍କରେ ସରକାରଙ୍କ ସହିତ କଥାବାର୍ତ୍ତା କରିନାହିଁ। ବୋର୍ଡ କଥାବାର୍ତ୍ତା କରିବା ପରେ ଏହା ଉପରେ ନିଷ୍ପତ୍ତି ନିଆଯିବ।

ଏସିଆ କପ୍ ହକିରେ ପାକିସ୍ତାନ ଦଳର ଅଂଶଗ୍ରହଣକୁ ଭାରତ ସରକାରଙ୍କ ପକ୍ଷରୁ ମଞ୍ଜୁରୀ ମିଳିଥିବା ବେଳେ ପାକିସ୍ତାନ ହକି ମହାସଂଘ ଟୁର୍ଣ୍ଣାମେଣ୍ଟ ପାଇଁ ଦଳ ପଠାଇବ କି ନାହିଁ ଏ ସମ୍ପର୍କରେ କୌଣସି ବୟାନ ଦେଇନାହିଁ। ତେବେ ମହାସଂଘ ନିଜକୁ ଟୁର୍ଣ୍ଣାମେଣ୍ଟରୁ ଅଲଗା ମଧ୍ୟ କରିନାହିଁ। ଫଳରେ ଦଳ ଖେଳିବାକୁ ଭାରତ ଆସିପାରେ ବୋଲି ଅନୁମାନ କରାଯାଉଛି।

ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ପରବର୍ତ୍ତୀ ସମୟରେ ସୀମା ଆରପାରିରେ ଆତଙ୍କବାଦୀ ଆଡ୍ଡା ବିରୁଦ୍ଧରେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅପରେସନ ସିନ୍ଦୂର ପରେ ପାକିସ୍ତାନର ଅଂଶଗ୍ରହଣ ଅନିଶ୍ଚିତ ଥିଲା।

## ତୃତୀୟ ୟୁଥ୍ ଦିନିକିଆ: ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରଣ

# ଇଂଲଣ୍ଡକୁ ୪ ୱିକେଟ୍‌ରେ ହରାଇଲା ଭାରତ



ନର୍ଥମ୍ପଟନ୍: ଇଂଲଣ୍ଡର ନର୍ଥମ୍ପଟନ୍‌ରେ ଖେଳାଯାଇଥିବା ତୃତୀୟ ୟୁଥ୍ ଦିନିକିଆ ଅନ୍ତର୍ଜାତୀୟରେ ଭାରତୀୟ ଅଣ୍ଡର-୧୯ ଟିମ୍ ଇଂଲଣ୍ଡ ଅଣ୍ଡର-୧୯ ଟିମ୍‌କୁ ୪ ୱିକେଟ୍‌ରେ ହରାଇ ଦେଇଛି। ଏହା ସହିତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୨-୧ର ଅଗ୍ରଣୀ ହାସଲ କରିଛି। ୩୧ ବଲ୍‌ରେ ୮୬ ରନ୍ କରିଥିବା ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଭାରତର ବିଜୟରେ ନାୟକ ସାଜିଥିଲେ। ବର୍ଷା କାରଣରୁ ମ୍ୟାଚ୍ ୪୦ ଓଭର୍ ବିଶିଷ୍ଟ ହୋଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ଇଂଲଣ୍ଡ ପ୍ରଥମେ ୬ ୱିକେଟ୍ ହରାଇ ୨୬୮ ରନ୍ କରିଥିଲା। ଜବାବରେ ଟିମ୍ ଇଣ୍ଡିଆ ୩୩ ବଲ୍ ପୂର୍ବରୁ ବିଜୟ ହାସଲ କରିଥିଲା।

ଇଂଲଣ୍ଡର ଓପ୍ନର୍ ଟିମ୍‌କୁ ଉନ୍ନତ ଆରମ୍ଭ ଦେଇ ୭୮ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ଏହାପରେ ଟିମ୍ ୩୫ ରନ୍‌ରେ ୪ ୱିକେଟ୍ ହରାଇଥିଲା। ଟିମ୍ ପକ୍ଷରୁ ଥୋମାସ୍ ରିୟୁ ଅପରାଜିତ ୭୬, ବେନ୍ ଡକିନ୍ସ ୬୨ ଏବଂ ଇସହାକ୍ ମହମ୍ମଦ ୪୧ ରନ୍‌ର ଇନିଂସ୍ ଖେଳିଥିଲେ। ଭାରତ ପକ୍ଷରୁ କନିଷ୍କ ଚୌହାନ୍ ୩ଟି ୱିକେଟ୍ ନେଇଥିବା ବେଳେ ନମନ ପୁଷ୍ପକ, ବିହାନ୍ ମାଲହୋତ୍ରା ଓ ଦୀପେଶ ଦେବେନ୍ଦ୍ରନ୍ ୧-୧ ସଫଳ ପାଇଥିଲେ। ୨୬୯ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଟିମ୍ ଇଣ୍ଡିଆକୁ ବୈଭବ ସୂର୍ଯ୍ୟବଂଶୀ ଦ୍ରୁତ ଆରମ୍ଭ ଦେଇଥିଲେ। ଫଳରେ ଟିମ୍ ୩୪.୩ ଓଭର୍‌ରେ ୬ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଥିଲା। ୨୦ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ସୂର୍ଯ୍ୟବଂଶୀ ୩୧ ବଲ୍‌ରେ ୬ ଚୌକା ଓ ୯ ଛକା ସହାୟତାରେ ୮୬ ରନ୍ କରି ଆଉଟ୍ ହୋଇଥିଲେ। ତାଙ୍କ ବ୍ୟତୀତ ବିହାନ୍ ମାଲହୋତ୍ରା ୩୪ ବଲ୍‌ରେ ୪୬, କନିଷ୍କ ଚୌହାନ୍ ଅପରାଜିତ ୪୩ ଓ ଆର୍‌ଏସ୍ ଅମ୍ବ୍ରିଶ ଅପରାଜିତ ୩୧ ରନ୍ କରିଥିଲେ।

## ରାଷ୍ଟ୍ରପତିଙ୍କ ଦ୍ୱାରା ଡୁରାଣ୍ଡ କପ୍ ଟ୍ରଫି ଉନ୍ମୋଚିତ

ନୂଆଦିଲ୍ଲୀ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡୁରାଣ୍ଡ କପ୍ ଟୁର୍ଣ୍ଣାମେଣ୍ଟ ୨୦୨୫ର ଟ୍ରଫି ଉନ୍ମୋଚନ କରିବା ସହିତ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, କ୍ରୀଡ଼ା ଶୃଙ୍ଖଳା, ଦୃଢ଼ ସଂକଳ୍ପ ଏବଂ ଦଳଗତ ମନୋଭାବକୁ ପ୍ରୋତ୍ସାହିତ କରିଥାଏ। କ୍ରୀଡ଼ାର ବ୍ୟକ୍ତି, ଅଞ୍ଚଳ ଏବଂ ଦେଶଗୁଡ଼ିକୁ ଯୋଡ଼ିବାର ଅନନ୍ୟ ଶକ୍ତି ରହିଛି। ଭାରତରେ ଏହା ଜାତୀୟ ସଂହତି ପାଇଁ ଏକ ଶକ୍ତିଶାଳୀ ଉପକରଣ ହୋଇଛି। ଅଲିମ୍ପିକ୍ସ କିମ୍ବା ଯେକୌଣସି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ତ୍ରିରଙ୍ଗା ଉଡ଼ିଲେ ସମସ୍ତ ନାଗରିକ ଉତ୍ସାହିତ ହୁଅନ୍ତି। ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ ଡୁରାଣ୍ଡ କପ୍‌ର ଭାବନାକୁ ଜୀବିତ ରଖିବା ଏବଂ ପ୍ରୋତ୍ସାହିତ କରିବାରେ ସଶସ୍ତ୍ର ବାହିନୀର ଭୂମିକାକୁ ସେ ପ୍ରଶଂସା କରିଥିଲେ।

## ରବୀନ୍ଦ୍ର ଜାଡ଼େଜାଙ୍କ କୀର୍ତ୍ତିମାନ

ବର୍ମିଂହାମ୍: ଭାରତୀୟ ଅଲ୍‌ରାଉଣ୍ଡର୍ ରବୀନ୍ଦ୍ର ଜାଡ଼େଜା ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଏକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି, ଯାହା ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ (ଡବ୍ଲ୍ୟୁଟିସି)ରେ କେହି କରିପାରି ନାହାନ୍ତି। ପ୍ରଥମ ଇନିଂସ୍‌ରେ ୧୩୭ ବଲ୍‌ରେ ୧୦ ଚୌକା ଓ ଗୋଟିଏ ଛକା ସହାୟତାରେ ୮୯ ରନ୍‌ର ଉପଯୋଗୀ ଇନିଂସ୍ ଖେଳିଥିବା ଜାଡ଼େଜା ୨୦୦୦ ରନ୍ ପୂରଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍‌ରେ ୪୧ ଟେଷ୍ଟ ଖେଳିଥିବା ଜାଡ଼େଜାଙ୍କ ନାମରେ ୨୦୧୦ ରନ୍ ହୋଇଛି। ଏହା ମଧ୍ୟରେ ୩ ଶତକ ଓ ୧୩ ଅର୍ଦ୍ଧଶତକ ସାମିଲ। ଏହା ବ୍ୟତୀତ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍‌ରେ ସେ ୧୦୦ ୱିକେଟ୍ ମଧ୍ୟ ନେଇଛନ୍ତି। ଡବ୍ଲ୍ୟୁଟିସି ଇତିହାରେ ୨୦୦୦ ରନ୍ କରିବା ଏବଂ ୧୦୦ ୱିକେଟ୍ ନେବାରେ ସେ ବିଶ୍ୱର ପ୍ରଥମ କ୍ରିକେଟର୍ ହୋଇଛନ୍ତି।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email: mediatejaswini@gmail.com

TARIFF
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**